R.N.I. REGN. No. 65000/96 POSTAL REGN. No. OR/BN-32/12-14

07 November 2025, Friday

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୩
ତିଥି : ଦ୍ୱିତୀୟା
୦୭ ନଭେମ୍ବର ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କଲେ ମୁଖ୍ୟମନ୍ତ୍ରୀ

ନୂଆପଡା ବିକାଶ ଲାଗି ବିଜେପି ପ୍ରତିଶ୍ରୁତିବଦ୍ଧ

ନୂଆପଡା/ଭୁବନେଶ୍ୱର, ୬ ।୧୧ (ସବୁ୍ୟ): ନୂଆପଡାର ବିକାଶ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ଜିଲ୍ଲାର ବିକାଶ ପାଇଁ ୧୪୦୦ କୋଟି ଟଙ୍କାର ପ୍ରକଳ୍ପ ହେବ । ସରକାରଙ୍କ ନୀତି ଓ ନିଷ୍ପତି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବ । ନୂଆପଡାର ବିକାଶ ଦାୟୀତ୍ୱ ମୁଁ ନେଇଛି । ଏହାର ସର୍ବାଙ୍ଗୀନ ଓ ସାମଗ୍ରିକ ବିକାଶ ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡାବାସୀଙ୍କୁ ଅନୁରୋଧ କରିଛନ୍ତି ।

ଗୁରୁବାର ନୂଆପଡା ନିର୍ବାଚନ ମଣ୍ଡଳୀର କୋମନାଠାରେ ଅନୁଷ୍ଠିତ ବିଶାଳ ଜନସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବେଇମାନ କହିଲେ। ବେଇମାନର ସଂଜ୍ଞା କଣ, ଏହା କେମିତି ଆସିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ କୁଆଡେ ଶାଳୀନତା ରକ୍ଷା କରନ୍ତି, ହେଲେ ଏହା କି ପ୍ରକାର ଶାଳୀନତା। ରାଜନୈତିକ ଚକ୍ରାନ୍ତ କରି ନିଜେ ନିଜ ଲୋକଙ୍କୁ ଠକେଇଛି ବିଜେଡି। ବିଜେଡି କେତେ ପ୍ରତାରଣା କରିଛି ସମସ୍ତେ ଜାଣନ୍ତି। ବିଜେଡି ହେଉଛି ପ୍ରାର୍ଥୀ ଚୋର । ବିଜେପୁରରେ କଂଗ୍ରେସ ନେତାକୁ ଆଣି ବିଜେଡି ପ୍ରାର୍ଥୀ କରିଥିଲା, (୯ ପୃଷ୍ଠାରେ)

ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ

ମତଦାନ ହାର ୬୪.୬୬%

ପାଟନା, ୬ ।୧୧ : ବିହାରର ୧୨୧ ବିଧାନସଭା ଆସନ ଲାଗି ପ୍ରଥମ ପର୍ଯ୍ୟାୟ ଭୋଟ୍ ଆଜି ଶେଷ ହୋଇଛି । ସୂଚନା ଅନୁଯାୟୀ ୬୪.୬୬% ମତଦାନ ହୋଇଥିବା ଜଣାପଡ଼ିଛି । ୨୦୨୦ ବିଧାନସଭା ନିର୍ବାଚନ ଠାରୁ ଏହି ମତଦାନ ହାର ଯଥେଷ୍ଟ ଅଧିକ । ୨୦୨୦ରେ ପ୍ରଥମ ପର୍ଯ୍ୟାୟରେ ୫୬.୧% ଭୋଟ୍ ହୋଇଥିଲା । ସନ୍ଧ୍ୟା ୫ଟା ଯାଏ କେତେକ ବୁଥ୍‌ରେ ମତଦାନ ହୋଇଥିବାବେଳେ ଆଉକେତେକ ବୁଥ୍‌ରେ ମତଦାନ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା ।

ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ୧୨୧ ଆସନରେ ବହୁ ହେଭିୱେଟ୍‌ଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ । ଉଭୟେ ଏନ୍‌ଡିଏ ଓ ମହାଗଠବନ୍ଧନର ପ୍ରମୁଖ ଚେହେରା ଏହି ନିର୍ବାଚନ ଲଢ଼ିଛନ୍ତି । ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ତାଙ୍କ ଭାଇ ତେଜ୍ ପ୍ରତାପଙ୍କର ମଧ୍ୟ ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ସୂଚନା ମିଳିଛି । (୯ ପୃଷ୍ଠାରେ)

ବଢୁଛି ପ୍ରଦୂଷଣ, ସୁପ୍ରିମ୍‌କୋର୍ଟରେ ପିଆଇଏଲ୍

ନୂଆଦିଲ୍ଲୀ, ୬ ।୧୧ : ସମଗ୍ର ଦେଶରେ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଜାତୀୟ ସ୍ତରରେ ଜନସ୍ୱାସ୍ଥ୍ୟ ଜରୁରୀକାଳିନ ସ୍ଥିତି ଦେଖାଦେଇଛି । ସୁପ୍ରିମ୍‌କୋର୍ଟ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଜନସ୍ୱାସ୍ଥ୍ୟ ସମ୍ବଳିତ ମାମଲା (ପିଆଇଏଲ୍) ଆଜି ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଛି । ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଚାମ୍ପିଅନ ଲୁକ୍ ଓ ଜଣେ ଆଇନ୍‌ଜୀବୀ ଏହି ମାମଲା ଦାଏର କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ବୈଧାନିକ ସତର୍କତା ସହ ନୀତି ଘୋଷଣା କରାଯାଉ । ଉଭୟ ସହର ଓ ଗ୍ରାମାଞ୍ଚଳରେ ବାୟୁର ମାନ ଲଗାତର ଭାବେ ଖରାପ, ବିପଦଶଙ୍କୁଳ ହୋଇଛି ଯାହା ଜୀବନ ଅଧିକାରର ମୌଳିକତାକୁ ଉଲ୍ଲଙ୍ଘନ କରୁଛି ।

ସ୍ଥିତି ଏଭଳି ହୋଇଛି ଯେ ଦେଶର ୧.୪ ବିଲିୟନ୍ ନାଗରିକ ପ୍ରତିଦିନ ବିଶାକ୍ତ ବାୟୁ ତାଙ୍କ (୯ ପୃଷ୍ଠାରେ)

ଆଜିଠୁ ୮୪ତମ ଇଣ୍ଡିଆନ ରୋଡ୍ କଂଗ୍ରେସ

ଭୁବନେଶ୍ୱର, ୬ ।୧୧ (ସବୁ୍ୟ): ଆସନ୍ତାକାଲି(ଶୁକ୍ରବାର)ଠୁ ଓଡ଼ିଶାରେ ୮୪ତମ ଇଣ୍ଡିଆନ ରୋଡ୍ସ କଂଗ୍ରେସ (ଆଇଆରସି) ମହାକୁମ୍ଭ । ଏହି ମହାକୁମ୍ଭକୁ ଉଦଘାଟନ କରି ସମ୍ବୋଧିତ କରିବେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ । ସଡ଼କ ଭିତ୍ତିଭୂମିକୁ ନେଇ (୯ ପୃଷ୍ଠାରେ)

ପିଓକେରେ ଜେନ୍-ଜେଡ୍‌ର ଆନ୍ଦୋଳନ

ନୂଆଦିଲ୍ଲୀ, ୬ ।୧୧ : ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ପୁଣି ଅଶାନ୍ତ ହୋଇପଡିଛି । ଏଥର ଜେନ୍-ଜେଡ୍ ରାସ୍ତାକୁ ଓହ୍ଲାଇଛନ୍ତି । ପାକିସ୍ତାନ ସରକାରର ଶିକ୍ଷା ବ୍ୟବସ୍ଥା ସଂସ୍କାର ଏବଂ ଫି' ବୃଦ୍ଧିକୁ ନେଇ ଏହି ଆନ୍ଦୋଳନ ସୃଷ୍ଟି ହୋଇଛି । ହଜାର ହଜାର ଛାତ୍ର ଆଜି ରାସ୍ତାକୁ ଓହ୍ଲାଇ ସେହବାଜ୍ ସରିଫଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ଆନ୍ଦୋଳନ କରିଥିଲେ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଥିବାବେଳେ ହଠାତ୍ ଏହା ହିଂସା ଆଡକୁ ମୁହାଁଇଥିଲା । ପୂର୍ବ ମାସରେ ହୋଇଥିବା ଆନ୍ଦୋଳନ ବେଶ୍ ଶାନ୍ତିପୂର୍ଣ୍ଣ ଥିଲା । ଅଚିହ୍ନା ଜଣେ ବନ୍ଧୁକଧାରୀ ଛାତ୍ରମାନଙ୍କ ଉପରକୁ ହଠାତ୍ ଗୁଳି ଚଳାଇଥିଲେ । ଏଥିରେ ଜଣେ ଆହତ ହୋଇଥିଲେ ।

ଏହି ଘଟଣା ପରେ ହିଂସା ସୃଷ୍ଟି ହୋଇଥିଲା । ଛାତ୍ରଛାତ୍ରୀମାନେ ଟାୟାର ଜାଳିବା ସହ ପାକିସ୍ତାନ (୯ ପୃଷ୍ଠାରେ)

DADLS-59

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରାଷ୍ଟ୍ର ଆରାଧନା ଓ ଦେଶପ୍ରୀତିର ଐକ୍ୟତାନ

'ବନ୍ଦେ ମାତରମ୍'ର
୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ

ବନ୍ଦେ ମାତରମ୍, ବନ୍ଦେ ମାତରମ୍
ସୁଜଲାଂ ସୁଫଲାଂ ମଲୟଜ ଶୀତଲାମ୍
ଶସ୍ୟ ଶ୍ୟାମଲାମ୍ ମାତରମ୍ ।।ବନ୍ଦେ...।।

ଶୁଭ୍ରଜ୍ୟୋତ୍ସ୍ନା ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଲ ଶୋଭିନୀମ୍
ସୁହାସିନୀଂ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ।।ବନ୍ଦେ...।।

କୋଟି କୋଟି କଣ୍ଠ କଲ କଲ ନିନାଦ କରାଲେ
କୋଟି କୋଟି ଭୁଜୈଧୃତ ଖରକରବାଲେ
ଅବଳା କେନୋ ମାଁ ଏତୋବୋଲେ
ବହୁବଲ ଧାରିଣୀଂ ନମାମି ତାରିଣୀମ୍
ରିପୁଦଲ ବାରିଣୀଂ ମାତରମ୍ ।।ବନ୍ଦେ...।।

ତୁମି ବିଦ୍ୟା, ତୁମି ଧର୍ମ, ତୁମି ହ୍ରିଦି, ତୁମି ମର୍ମ
ତ୍ୱମ୍ ହି ପ୍ରାଣାଃ ଶରୀରେ,
ବାହୁତେ ତୁମି ମାଁ ଶକ୍ତି ହ୍ରିଦୟେ ତୁମି ମାଁ ଭକ୍ତି
ତୋମାରେଇ ପ୍ରତିମା ଗଢ଼ି ମନ୍ଦିରେ ମନ୍ଦିରେ ।।ବନ୍ଦେ...।।

ତ୍ୱଂ ହି ଦୁର୍ଗା ଦଶ-ପ୍ରହରଣଧାରିଣୀ
କମଲା କମଲଦଲ-ବିହାରିଣୀ
ବାଣୀ ବିଦ୍ୟାଦାୟିନୀ, ନମାମି ତ୍ୱାମ୍
ନମାମି କମଲାମ୍ ଅମଲାମ୍ ଅତୁଲାମ୍
ସୁଜଲାଂ ସୁଫଲାଂ ମାତରମ୍ ।।ବନ୍ଦେ...।।

ଶ୍ୟାମଲାମ୍ ସରଲାମ୍ ସୁସ୍ମିତାମ୍ ଭୂଷିତାମ୍
ଧରଣୀମ୍ ଭରଣୀମ୍ ମାତରମ୍ । ।।ବନ୍ଦେ...।।

୧୮୭୬ ଠାରୁ ଭାରତୀୟଙ୍କ ମଧ୍ୟରେ 'ବନ୍ଦେ ମାତରମ୍'
ସୃଷ୍ଟି କରି ଆସୁଛି ଦେଶପ୍ରେମ ଏବଂ ଜାତୀୟ ଚେତନା

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

KDP Royal

KDP FASHION REDIFINED

ଏହି ପ୍ରଥମାଷ୍ଟମୀରେ
ବାରିପଦାରେ KDP ସହିତ କିଣନ୍ତୁ ଏବଂ ପାଆନ୍ତୁ
Exclusive Offers
ଆପଣଙ୍କ ଆନନ୍ଦକୁ ଦୁଇଗୁଣ କରନ୍ତୁ

ବିଶେଷ GST ଲାଭ (GST 2.0)
6.25% ରିହାତି!
₹1050 ରୁ ₹2799 ପର୍ଯ୍ୟନ୍ତ କିଣା କିଣି ଉପରେ

ମାଗଣା ଉପହାର ଉପଭୋଗ କରନ୍ତୁ
35% ପର୍ଯ୍ୟନ୍ତ ମୂଲ୍ୟର ଉପହାର ପାଆନ୍ତୁ!
₹1999 ଠାରୁ ଅଧିକ କିଣା କିଣି କଲେ, କିଣା ମୂଲ୍ୟର

₹1999 ର କିଣା କିଣି ଉପରେ
ମାଗଣା DEO ପାଆନ୍ତୁ!

₹3499 ର କିଣା କିଣି ଉପରେ
ମାଗଣା PERFUME/GIFT SET ପାଆନ୍ତୁ!

₹7999 ର କିଣା କିଣି ଉପରେ
ମାଗଣା BRANDED DUFFLE BAG ପାଆନ୍ତୁ!

₹12999 ର କିଣା କିଣି ଉପରେ
ମାଗଣା SMALL TROLLY BAG ପାଆନ୍ତୁ!

₹18999 ର କିଣା କିଣି ଉପରେ
ମାଗଣା BIG TROLLY BAG ପାଆନ୍ତୁ!

₹24989 ର କିଣା କିଣି ଉପରେ
ମାଗଣା BIG PRINTED TROLLY ପାଆନ୍ତୁ!

ଏହି ପୂଜାରେ, ଆପଣଙ୍କର Shopping ବ୍ୟାଗ୍ ହେବ ଏକ ମାଗଣା ଟ୍ରାଭେଲ୍ ବ୍ୟାଗ୍! "କେବଳ KDP ରେ"

Radha Gobinda Market Complex, Lalbazar, Baripada
Infront of SBI Main Branch, College Road, Baripada
+91 - 96928 30782

ଅଦ୍ଭୁତ ଜଜ୍ଞାବନ

ଚୀନ ସର୍ବଦା ନିଜର ଅଜବ ସୃଷ୍ଟି ପାଇଁ ବିଶ୍ୱରେ ପରିଚିତ । କେତେବେଳେ ନକଲି ସୂର୍ଯ୍ୟ ନିର୍ମାଣ କରି ଚର୍ଚ୍ଚ ସାଉଁଟି ଲାଣି ତ କେତେବେଳେ ସୁଟ୍‌କେସ୍‌କୁ ଗାଡି ଭଳି ବ୍ୟବହାର କଲାଣି । ଚୀନର ପ୍ରାଚୀନ କାଳରୁ ଏଭଳି ଅନେକ ଉଦ୍ଭାବନ ରହିଛି ଯାହା ତାକୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଦେଇଛି । ଯେଉଁ ସବୁ ଉଦ୍ଭାବନ ନାଁରେ ବିଶ୍ୱ ବାସୀ ଚୀନକୁ ଜାଣନ୍ତି । ଚୀନର ରାସ୍ତାରେ ଏଭଳି ଅନେକ ଅଜବ ଗାଡି ଦେଖିବାକୁ ମିଳେ ଯାହାକୁ କେହି କେବେ କଳ୍ପନା କରି ନଥିବେ । ଏଭଳି କେତେକ ଉଦ୍ଭାବନ ଅଛି ଯାହା ଜଣଙ୍କୁ କିଛି ସମୟ ପାଇଁ ଆଶ୍ଚର୍ଯ୍ୟ କରିବାରେ ସକ୍ଷମ । ଆସନ୍ତୁ ପଢିବା ସେହିଭଳି କିଛି ଅଦ୍ଭୁତ ଉଦ୍ଭାବନ ସମ୍ବନ୍ଧରେ....

ଫ୍ଲାଇଂ ସସ୍‌ର– କେହି ବୈଜ୍ଞାନିକ ନୁହେଁ ଚୀନର ଜଣେ କୃଷକ ଏକ ଫ୍ଲାଇଂ ଡିଭାଇସ୍ ବନାଇବାରେ ସକ୍ଷମ । ଚୀନର ଜଣେ ସ୍ଥାନୀୟ କୃଷକ ସୁ ମାନ୍‌ସେଙ୍ଗ ଏହି ଅଦ୍ଭୁତ ଯାନ ତିଆରି କରିଛନ୍ତି । ସେ ଏହାକୁ ଘରେ ବସି ଆଠଟି ମଟୋରସାଇକେଲ୍‌ର ଇଞ୍ଜିନ ଫିଟ୍ କରାଯାଇଛି । ନିର୍ମାଣ କରିଛନ୍ତି । ଏହି ଯାନଟି ତାଙ୍କର ପ୍ରଥମ ମଡେଲ ନୁହେଁ, ସେ ପୂର୍ବରୁ ଏହାର ଆହୁରି ଚାରୋଟି ମଡେଲ୍‌ର ନିର୍ମାଣ କରିଛନ୍ତି । ଏହି ଯାନକୁ ପ୍ରସ୍ତୁତ କରିବାକୁ ପ୍ରାୟ ୩.୧୩୫ ଡଲାର ଖର୍ଚ୍ଚ ହୋଇଥାଏ । ଏହି ଯାନଟିର ବ୍ୟାସ ୧୮ ଫୁଟ୍ ହୋଇଥିବା ବେଳେ ଏଥିରେ

ସୁଟ୍‌କେସ୍ ସ୍କୁଟର– ଚୀନ୍‌ର ଜଣେ ବ୍ୟକ୍ତି ଘରେ ପ୍ରସ୍ତୁତ କରିଛନ୍ତି ସୁଟ୍‌କେସ ସ୍କୁଟର । ଏହାର ନାଁ ଶୁଣିଲେ ଏଭଳି କିଛି ଯାନ ଥିବା କେହି ବିଶ୍ୱାସ କରିବେନି, ହେଲେ ଘଟଣାଟି ସତ । ବ୍ୟକ୍ତି ଜଣଙ୍କୁ ଏହି ସୁଟ୍‌କେସ୍ ସ୍କୁଟରକୁ ନିର୍ମାଣ କରିବାକୁ ପ୍ରାୟ ୧୦ ବର୍ଷ ସମୟ ଲାଗିଥିଲା । ସ୍କୁଟରଟି ଘଣ୍ଟାରେ ପ୍ରାୟ ୨୦ କିମି ଯାଇପାରିବ । ଏହି ଯାନଟି ଥରେ ଚାର୍ଜ ହେଲେ ପ୍ରାୟ ୫୦ରୁ ୬୦ କିମି ଚାଲି ପାରିବ । ଗାଡିଟିର ଆକାର ବହୁତ ଛୋଟ ହୋଇଥିବାରୁ ଏହା ସବୁ ସ୍ଥାନକୁ ଯାଇପାରିବ, ଯାହା ଲୋକଙ୍କୁ ବେଶ୍ ସହାୟକ ହୋଇଥାଏ ।

କାଠ ଗାଡି– ଚୀନର ରାସ୍ତାରେ ଆଉ ଏକ ଅଜବ ଯାନ ବେଳେବେଳେ ଦେଖିବାକୁ ମିଳିଥାଏ । ଗାଡିଟିର ନାଁ ହେଲା ଉଡେନ୍ ଇଲେକ୍ଟ୍ରିକ୍ ଭେଇକିଲ୍ । ଗାଡିଟିକୁ ସମ୍ପୂର୍ଣ୍ଣ ଭାବେ କାଠରୁ ପ୍ରସ୍ତୁତ କରାଯାଇଛି । ଗାଡିଟିର ଓଜନ ୨୦୦ କେଜିଓ। ସେହିଭଳି ଗାଡିଟି ଘଣ୍ଟାକୁ ପ୍ରାୟ ୩୦ କିମି ଯାଇପାରିବ । ଅନ୍ୟ ଗାଡି ଭଳି ଏହା ମଧ୍ୟ ଚାର୍ଜରେ ଚାଲିଥାଏ । ଏହା ଥରେ ଚାର୍ଜ ହେଲେ ୨୦ କିମି ଯାଇପାରିବ । ଦେଖିବାକୁ ଗାଡିଟି ବେଶ୍ ନିଆରା ।

ଶୁଭ ଜନ୍ମଦିନ

ମେରୀ କ୍ୟୁରି

ଜଣେ ଫରାସୀ ପଦାର୍ଥବିଜ୍ଞାନୀ ଓ ରସାୟନବିଦ ଭାବେ ବିଶ୍ୱରେ ବେଶ ପରିଚିତା ମେରୀ କ୍ୟୁରି । ଦୁଇଟି ନୋବେଲ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଓ ଏକମାତ୍ର ବ୍ୟକ୍ତି । ୧୮୬୭ ମସିହା ୭ ନଭେମ୍ବରରେ ସେ ପୋଷରେ ଜନ୍ମଗ୍ରହଣ କରିଥିଲେ । ସେ ପ୍ୟାରିସ୍ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା ପ୍ରଫେସର ଭାବେ ଗୌରବ ଅର୍ଜନ କରିଛନ୍ତି । ମେରୀ କ୍ୟୁରି ବାର୍ସାରେ ଜନ୍ମଗ୍ରହଣ କରିଥିଲେ ଯାହା ସେତେବେଳେ ପୋଲାଣ୍ଡ ରାଜ୍ୟ ଅନ୍ତର୍ଭୁକ୍ତ ଥିଲା । ୧୮୯୧ରେ ୨୪ ବର୍ଷ ବୟସରେ ସେ ଉଚ୍ଚତର ଉପାଧି ପାଇଁ ପ୍ୟାରିସ ଗସ୍ତ କରିଥିଲେ । ପରବର୍ତ୍ତୀ ଗବେଷଣା ମଧ୍ୟ ସେଠାରେ ହିଁ କରିଥିଲେ । ୧୯୦୩ ମସିହାରେ ସେ, ତାଙ୍କ ସ୍ୱାମୀ ପେରୀ କ୍ୟୁରି ଓ ସେମାନଙ୍କ ସମେତ ହେନେରୀ ବକେରେଲ୍ ପଦାର୍ଥବିଜ୍ଞାନରେ ନୋବେଲ ପୁରସ୍କାର ପ୍ରାପ୍ତ କରିଥିଲେ । ଏହାପରେ ୧୯୧୧ରେ ରସାୟନ ନୋବେଲ୍ ପୁରସ୍କାର ମେରୀଙ୍କୁ ଏକା ପ୍ରଦାନ କରାଯାଇଥିଲା । ବିଜ୍ଞାନ ପାଇଁ ରହିଛି ତାଙ୍କର ଅନେକ ଅବଦାନ । ସେ ନିଜ ଜୀବନର ଅଧିକାଂଶ ସମୟ ପରୀକ୍ଷାଗାରାରେ ବିତାଉଥିଲେ । ତାଙ୍କର ଉଦ୍ଭାବନ ରେଡିୟମ ଓ ପୋଲୋନିୟମ ପାଇଁ ଆଜି ବି ତାଙ୍କୁ ବିଶ୍ୱବାସୀ ମନେରଖି ପ୍ରଶଂସା କରିଚାଲିଛି । ଭିତରେ ପ୍ରଶଂସାର ପାତ୍ର କରିଛି । ଏହି ମହାନ ବୈଜ୍ଞାନିକଙ୍କର ଜନ୍ମ ଦିନକୁ ଜାତୀୟ କ୍ୟାନ୍ସର ସଚେତନତା ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ । ତାଙ୍କର ମୃତ୍ୟୁ ୧୯୩୪ ମସିହା ୪ ଜୁଲାଇରେ ହୋଇଥିଲା ।

ସାଉଥ କୋରିଆ ପୋଲିସ ଏଭଳି ଖୋଜୁଛି ହଜିଯାଇଥିବା ଶିଶୁଙ୍କୁ

ସାଉଥ କୋରିଆ ପୋଲିସ ଏକ ନିଆରା ଉପାୟ ଲଗାଇ ବର୍ଷବର୍ଷ ଧରି ନିଖୋଜ ଶିଶୁଙ୍କୁ ଧରିବାରେ ସକ୍ଷମ ହେଉଛି, ଯାହାକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ଏଥିପାଇଁ ପୋଲିସ ପ୍ରତି ଡେଲିଭରି ପ୍ୟାକେଜ ଉପରେ ନିଖୋଜ ପିଲାଙ୍କର ତଥ୍ୟ ଛାପୁଛି । ଡେଲିଭରି ପ୍ୟାକେଜ ସର୍ଚ୍ଚ ମିଶନ ଜରିଆରେ ବର୍ତ୍ତମାନ ସୁଦ୍ଧା ଅନେକ ଶିଶୁଙ୍କୁ ଉଦ୍ଧାର କରି ସାରିଛନ୍ତି । କୋରିଆନ ନ୍ୟାସନାଲ ପୋଲିସ ଏଜେନ୍ସି ପକ୍ଷରୁ ହୋପ ଟେପ ନାମକ ଏକ ଅଭିଯାନର ଆରମ୍ଭ କରିଛନ୍ତି । ଏହା ଏକ ପ୍ୟାକେଜିଂ ଟେପ ଯାହାକୁ ଡେଲିଭରି ବକ୍ସ ଉପରେ ଲଗାଯାଇଥାଏ । ଏହି ଟେପରେ ନିଖୋଜ ଶିଶୁଙ୍କ ଫଟୋ ସହିତ ତଥ୍ୟକୁ ପ୍ରିଣ୍ଟ କରାଯାଇଛି । ଏହାସହ ଏକ କ୍ୟୁଆର୍ କୋର୍ଡ ମଧ୍ୟ ରହିଛି ଯେଉଁଥିରେ ଏହି ଶିଶୁଙ୍କୁ ନେଇ ଯଦି କିଛି ତଥ୍ୟମିଳେ ତେବେ ଦିଆଯାଇ ପାରିବ । ଏହା ସାହାଯ୍ୟରେ ଅନେକ ସ୍ଥାନରେ ଏହି ତଥ୍ୟ ପହଞ୍ଚି ପାରୁଛି ଏବଂ ନିଖୋଜଙ୍କ ସମ୍ପର୍କରେ ତଥ୍ୟ ମିଳିପାରୁଛି ।

୬୨ ବର୍ଷରୁ ହୋଇନାହିଁ ନିଦ

ଭିଏତନାମର ୮୧ ବର୍ଷୀୟ ଜଣେ ଚାଷୀ ଏକ ବିରଳ ଦାବି କରିଛନ୍ତି । ସୂଚନାଅନୁସାରେ ଏହି ଚାଷୀ ଜଣଙ୍କ ଦୀର୍ଘ ୬୨ ବର୍ଷଧରି ଶୋଇ ନାହାନ୍ତି । ଏହାର କାରଣ ନିଜେ ଡାକ୍ତରମାନେ ମଧ୍ୟ ଖୋଜି ପାଉନାହାନ୍ତି । ବିଜ୍ଞାନ ଅନୁସାରେ ଯଦି ଜଣେ ବ୍ୟକ୍ତି ଏତେ ସମୟ ଧରି ଶୋଇବେ ନାହିଁ ତେବେ ରୋଗୀ ହୋଇଯିବେ । ସେହି ବ୍ୟକ୍ତିଙ୍କ ମତରେ ଏହି ଘଟଣା ୧୯୬୨ରେ ଭିଏତନାମ ଯୁଦ୍ଧ ସମୟରେ ଆରମ୍ଭ ହୋଇଥିଲା । ସେହି ସମୟରେ ଜ୍ୱର କାରଣରୁ ନିଦ ହେଉନଥିଲା । ତେବେ ଏହାପରେ ମଧ୍ୟ ତାଙ୍କୁ ଆଉ ନିଦ ଆସିଲା ନାହିଁ । ଏଥିପାଇଁ ସେ ଔଷଧ ସହିତ ଘରୋଇ ଚିକିତ୍ସା ମଧ୍ୟ କରିଛନ୍ତି ହେଲେ ଏଥିରୁ କୌଣସି ସୁଫଳ ମିଳିନାହିଁ । ରାତିରେ ସେ ନିଜ କ୍ଷେତରେ କାମ କରନ୍ତି ବୋଲି ମତ ଦେଇଛନ୍ତି । ତାଙ୍କର ଏହି ଦାବିକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ଦେଖିବାକୁ ମିଳିଛି ।

ସାଙ୍କ୍ରମଣ

ଋତୁ ପରିବର୍ତ୍ତନ କାରଣରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ଏହି ତାଲିକାରେ ଥଣ୍ଡା, ଜ୍ୱର ଭଳି ଅନେକ ରୋଗ ସାମିଲ ଅଛି । ସେଥିମଧ୍ୟରୁ ଗୋଟିଏ ହେଲା ସାଇନସ୍ ଇନ୍‌ଫେକସନ୍ । ଏହି ସମସ୍ୟା ପାଣିପାଗରେ ଘଟୁଥିବା ପରିବର୍ତ୍ତନ କାରଣରୁ ହୋଇଥାଏ । ଯେତେବେଳେ ଶିଶୁଟିର ବୟସ ବୃଦ୍ଧି ପାଏ, ସେତେବେଳେ ତାହାର ଶରୀରରେ ଅନେକ ପରିବର୍ତ୍ତନ ଆସେ । ଯେପରି ନାକର ହାଡ ବଢିବାକୁ ଆରମ୍ଭ କରିଥାଏ । ଏହା ଦ୍ୱାରା ବେଳେବେଳେ ନାକର ଉପରି ଭାଗରେ ଯନ୍ତ୍ରଣା ହୁଏ । ଏହାର ପ୍ରଭାବରେ ଥଣ୍ଡା ହେବା ଓ ମୁଣ୍ଡବିନ୍ଧା ଭଳି ସମସ୍ୟା ହୋଇଥାଏ। ଏହାକୁ ଡାକ୍ତରୀଭାଷାରେ ସାଇନସ୍ ଇନ୍‌ଫେସନ୍ ବା ସାଇନୋସାଇଟିସ୍ କୁହାଯାଏ । ତେବେ ଯଦି ଆପଣ ଏଭଳି ଲକ୍ଷଣ

ନିଜ ପାଖରେ ଦେଖୁଛନ୍ତି ତେବେ ଯଥା ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହା କମରୁ ଆରମ୍ଭ ହୋଇ ଗୁରୁତର ହେବାର ସମ୍ଭାବନା ରହିଛି । ଯଦି କୌଣସି ଲକ୍ଷଣ ଆପଣ ଦେଖୁଛନ୍ତି ତେବେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇଲେ ଏହା ଶୀଘ୍ର ଭଲ ହୋଇଥାଏ ।

ଆଜିର ଇତିହାସ

୧୮୭୬– ବଙ୍କିମ ଚନ୍ଦ୍ର ଚାଟାର୍ଜୀ ବେଙ୍ଗଲର ଏକ ଗାଁରେ 'ବନ୍ଦେ ମାତାରମ' ଗୀତର ରଚନା କଲେ ।
୧୯୫୧– ଜୋର୍ଡାନ୍‌ରେ ସନ୍ଧିଧାନ ପାରିତ କରାଗଲା ।
୧୯୬୮– ତତ୍କାଳୀନ ସୋଭିଏତ ସଙ୍ଘ ପରମାଣୁ ପରୀକ୍ଷଣ କଲା ।
୧୯୯୮– ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଭାରତ ଓ ପାକିସ୍ତାନ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକରୁ ଆଶ୍ୱସ୍ତି ଦେଲେ ।
୧୯୯୮– ବିଶ୍ୱର ସବୁଠୁ ବୟସ୍କ ମହାକାଶଚାରୀ ଜନ୍ ଗ୍ଲେନ୍ ପୃଥିବୀପୃଷ୍ଠକୁ ସକୁଶଳ ଫେରିଲେ ।
୨୦୦୦– ଆମେରିକାରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଶେଷ ।
୨୦୦୨– ଆମେରିକୀୟ ସାମଗ୍ରୀର ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲାଗୁ କଲା ଇରାନ୍ ।

ଗାଜର ବିଟ୍ ଛିଲ୍ଲା



ସାମଗ୍ରୀ– ବେସନ, ଗାଜର, ବିଟ, ପିଆଜ, ରସୁଣ କଟା, ଧନିଆ ପତ୍ର, କଞ୍ଚାଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ, ଲୁଣ ।

ପ୍ରଣାଳୀ– ପ୍ରଥମେ ବେସନରେ କଟା ପିଆଜ, ରସୁଣ, ଗ୍ରେଟ ହୋଇଥିବା ଗାଜର ଓ ବିଟ୍‌କୁ, ଧନିଆପତ୍ର କଟା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ, ଲୁଣ ଓ ପାଣି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ବର୍ତ୍ତମାନ ଛିଲ୍ଲା ଭଳି ଆକର ଦେଇ କରି ନିଅନ୍ତୁ । ଏହା ଖାଇବାକୁ ଖୁବ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ ହୋଇଥାଏ ।

କିକାଡଙ୍କେ ମାଧୁରୀ

କାନାଡାର ଟୋରଣ୍ଟୋରେ କିଛି ଦିନତଳେ ମାଧୁରୀ ଦିକ୍ଷୀତଙ୍କର ଏକ ଶୋର ଆୟୋଜନ କରାଯାଇଥିଲା । ତେବେ ଏହି ଶୋକୁ ନେଇ ମାଧୁରୀ ବିବାଦରେ ଫସିଥିବା ଦେଖିବାକୁ ମିଳିଛି । ଶୋରେ ମଧୁରୀ ବିଳମ୍ବରେ ପହଞ୍ଚିଥିବାନେଇ ଅଭିଯୋଗ ହୋଇଛି । ଏହାକୁ ନେଇ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଇଥିବାର ଦେଖିବାକୁ ମିଳୁଛି । ଇଭେଣ୍ଟକୁ ନେଇ ଦର୍ଶକଙ୍କୁ ମିସଲିଡ କରାଯାଇଥିବା ନେଇ ସେମାନେ ଅଭିଯୋଗ କରୁଛନ୍ତି । ଏହି ଇଭେଣ୍ଟକୁ କନର୍ସଟ ଭଳି ବିଜ୍ଞାପନ କରାଯାଇଥିଲେ ବି ଏହା ଏକ ଟକ୍‌ଶୋ ଥିଲା । ଯାହାକୁ ନେଇ ସେଠାରେ ଉପସ୍ଥିତ ଥିବା ଦର୍ଶକ ନିଜର ଅସନ୍ତୋଷ ଜାହିର କରିଛନ୍ତି । ହେଲେ ଆୟୋଜକ ଜାରି କରିଥିବା ଷ୍ଟେଟମେଣ୍ଟରେ ଭୁଲ ମାଧୁରୀଙ୍କ ଟିମ୍‌କୁ ଦେଇଛନ୍ତି । ସେମାନ ଭୁଲ ସମୟ ଦେଇଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଆୟୋଜକ ନିଜ ମନ୍ତବ୍ୟରେ କହିଛନ୍ତି । ତେବେ ସୋସିଆଲ ମିଡିଆରେ ଏହାକୁ ନେଇ ଜୋରଦାର ଆଲୋଚନା ଜାରି ରହିଛି ।

ସୋସିଆଲ କୋଟ୍ସ

"ପୋଷା ଜୀବମାନେ ଆମ ଶବ୍ଦ ନୁହେଁ ବରଂ ତା ପଛରେ ଥିବା ଭାବନାକୁ ବୁଝନ୍ତି । ତେଣୁ ସେମାନେ ନିଜର ଭଲପାଇବା ଆମ ମାନଙ୍କ ପାଇଁ ଦେଖାଇଥାଆନ୍ତି ।

ସୋନାଲି ବେନ୍ଦ୍ରେ, ଅଭିନେତ୍ରୀ



"ଜଣେ ଅଭିନେତାକୁ ପ୍ରତିଦିନ ନିଜ କଳାର ଅଭ୍ୟାସ କରିବାର ଆବଶ୍ୟକତା ରହିଛି । ତେଣୁ ମୁଁ ଧାରାବାହିକରେ ଅଭିନୟ କରିଥାଏ । ଏହା ଦ୍ୱାରା ମୋ ଅଭିନୟର ଅଭ୍ୟାସ ହୋଇଥାଏ ।

ହିତେନ ତେଜବାନୀ, ଅଭିନେତା

"ଅଭିଷେକ ଅଶନୂରଙ୍କ ଭିତରେ ବୟସ ବ୍ୟବଧାନ ଖୁବ ଅଧିକ । ଉଭୟଙ୍କ ଭିତରେ ମୋର ଓ ମୋ ପୁଅର ଯେତିକି ବୟସ ବ୍ୟବଧାନ ସେତିକି ରହିଛି ।

କୁନିକା, ବିଗ୍‌ବସ ପ୍ରତିଯୋଗୀ

ଜୀବନ ହାରିଲେ ମହିଳା ହୋମ୍‌ଗାର୍ଡ

ଭୁବନେଶ୍ୱର, (ସବ୍ୟୁ) : ମାନସିକ ଚାପରୁ ଜଣେ ମହିଳା ହୋମ୍‌ଗାର୍ଡ ଜୀବନ ହାରିଛନ୍ତି । ତାଙ୍କ ସ୍ୱାମୀ ମରିଯିବା ପରେ ସେ ପରିବାର ପ୍ରତିପୋଷଣ ପାଇଁ ୩ମାସ ତଳେ ହୋମ୍‌ଗାର୍ଡ କାର୍ଯ୍ୟ ଆରମ୍ଭ କରିଥିଲେ । ସ୍ୱାମୀ ମୃତ୍ୟୁକୁ ନେଇ ମାନସିକ ଚାପ ନା କାମର ମାନସିକ ଚାପ ସ୍ପଷ୍ଟ ହୋଇନଥିବା ବେଳେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ନୟାଗଡର ସୁଜାତାରାଣୀ କର ସ୍ୱାମୀ ଓ ପିଲାମାନଙ୍କ ସହ ଚନ୍ଦ୍ରଶେଖରପୁର ମଣ୍ଡପ ବସ୍ତିରେ ରହୁଥିଲେ । ଗତ କିଛିଦିନ ହେବ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ମିଳିଛି । ହେଲେ ୭ ମାସ ତଳେ ହୃଦ୍‌ଘାତରୁ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା । ସେ ପ୍ରେମବିବାହ କରିଥିବାରୁ

ସ୍ୱାମୀଙ୍କୁ ସର୍ବଦା ଝୁରୁଥିବା ତାଙ୍କ ମା' କହିଛନ୍ତି । ସୁଜାତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ପୁଅର ମାନସିକ ବିକୃତି ଥିବାବେଳେ ଝିଅଟି ବହୁ ସାନ । ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ମା' ତାଙ୍କୁ ଜଗି ରହୁଥିଲେ । କାରଣ ଶ୍ୱଶୁରଙ୍କ ମୃତ୍ୟୁ ହୋଇଯାଇଥିବାରୁ ଶାଶୁ ବୟସାଧିକ୍ୟରେ ତାଙ୍କ ପାଖେ ରହୁଛନ୍ତି ।

ସୁଜାତା ମା'ଙ୍କ କହିବାନୁଯାୟୀ ଝିଅଙ୍କ ମୃତ୍ୟୁ ପରେ ତାଙ୍କ ଝିଅର ମାନସିକ ସ୍ଥିତି ଠିକ୍ ରହୁନଥିବାରୁ ସେ ତାଙ୍କୁ ଜଗି ରହୁଥିଲେ । ଗତ କିଛିଦିନ ହେବ ସେ ଗାଁକୁ ଯାଇଥିବା ବେଳେ ବୁଧବାର ରାତିରେ ଝିଅ ବିଷ ପିଇଦେଇଥିଲା । ଖବର ପାଇ ଚନ୍ଦ୍ରଶେଖରପୁର ଥାନା ପୋଲିସ ସୁଜାତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ସୁଜାତା ହୋମ୍‌ଗାର୍ଡ ଭାବେ ନିଯୁକ୍ତି ପାଇବା ପରେ ଚନ୍ଦ୍ରଶେଖରପୁର ଥାନାରେ କାର୍ଯ୍ୟରତ ଥିଲେ । ତାଙ୍କ ମୃତ୍ୟୁରେ ଥାନା କର୍ମଚାରୀମାନେ ବହୁ ଦୁଃଖିତ ଥିବା କହିଛନ୍ତି । କାରଣ ସୁଜାତା ମେଳାପୀ ରହିବା ସାଙ୍ଗକୁ ସମସ୍ତଙ୍କ ମନ ନେଇ କାମ କରୁଥିଲେ ।

ବଜାଜ ଫାଇନାନ୍ସ ପକ୍ଷରୁ ପାର୍ବଣ ଋତୁ ଋଣ ପରିମାଣରେ ୨୭% ବୃଦ୍ଧି ରେକର୍ଡ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଘରୋଇ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ପ୍ରତିଷ୍ଠାନ ଏବଂ ବଜାଜ ଫିନସର୍ଭ ଗ୍ରୁପର ଅଂଶ ବଜାଜ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଏହି ପାର୍ବଣ ଋତୁରେ ଉପଭୋକ୍ତା ଋଣ ଚାହିଦାରେ ତୀବ୍ର ବୃଦ୍ଧି ପରିଲକ୍ଷିତ ହୋଇଛି । କମ୍ପାନୀ ଗତ ବର୍ଷ ତୁଳନାରେ ୨୭% ଅଧିକ ଓ ୨୯% ଅଧିକ ଉପଭୋକ୍ତା ଋଣ ପ୍ରଦାନ କରିଛି । ଉପଭୋକ୍ତା ଋଣରେ ଏହି ବୃଦ୍ଧି ସରକାରଙ୍କ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ବ୍ୟକ୍ତିଗତ ଆୟକର ହାରରେ ପରିବର୍ତ୍ତନର ଏକ ସକାରାତ୍ମକ ଫଳାଫଳ, ଯାହା ଗ୍ରାହକ କ୍ରୟ ଶକ୍ତି ବୃଦ୍ଧି କରିବାକୁ ସହାୟକ ହେଉଛି । ବଜାଜ ଫାଇନାନ୍ସ ସେପ୍ଟେମ୍ବର୨୨ ରୁ ଅକ୍ଟୋବର ୨୬, ୨୦୨୫ ମଧ୍ୟରେ ପ୍ରାୟ୬.୩ ନିୟୁତ ଋଣ ପ୍ରଦାନ କରିଛି । ଏହି ସମୟ ମଧ୍ୟରେ, କମ୍ପାନୀ ୨.୩ ନିୟୁତ ନୂତନ ଗ୍ରାହକଙ୍କୁ ଯୋଡିଛି, ଯାହା ମଧ୍ୟରୁ ୫୨ % ନୂତନ କ୍ରେଡିଟ୍ (ପ୍ରଥମ ଥର ଋଣଗ୍ରହୀତା) ଥିଲେ, ଯାହା ଆର୍ଥିକ ଅନ୍ତର୍ଭୁକ୍ତିକରଣ ବ୍ୟାପକତାକୁ ପ୍ରତିଫଳିତ କରୁଛି ।

ନୂଆପଡାରେ ବିଜୟ ସଂକଳ୍ପ ସମାବେଶରେ ଛତିଶଗଡ ମୁଖ୍ୟମନ୍ତ୍ରୀ

ଭୋଟ ପାଇଁ ଓଡିଶାବାସୀଙ୍କୁ ବ୍ୟବହାର କରିଛି ବିଜେଡି ଓ କଂଗ୍ରେସ

ନୂଆପଡା,(ସବ୍ୟୁ): ବିଜେଡି ୨୪ବର୍ଷ ଓ କଂଗ୍ରେସ ୫୦ ବର୍ଷ ଶାସନ କରିବି ଉଭୟଓଡିଶାବାସୀଙ୍କ ଭରଷା ହରାଇଛନ୍ତି । ନବୀନ ପଟ୍ଟନାୟକ ୨୪ ବର୍ଷ ଶାସନ କଲେ କିନ୍ତୁ ଓଡିଆ କହିପାରିଲେନାହିଁ । କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଥିବାବେଳେ ରାଉଲକେଲାରେ ଅନୁଷ୍ଠିତ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ, କିନ୍ତୁ ସେତେବେଳର ମୁଖ୍ୟମନ୍ତ୍ରୀ ନିଜ ମାତୃଭାଷା ଓଡିଆରେ ଠିକ୍ ରେ ଦୁଇ ଧାଡିରେ କହିପାରିଲେନାହିଁ । ଯାହା ଲେଖିକି ଆଣିଥିଲେ, ତାକୁ ବହୁ କଷ୍ଟରେ ପଢିଥିଲେ ନବୀନ ବାବୁ । ଯିଏ ଓଡିଆ କହିପାରିଲେନି କି ଶିଖିପାରିଲେନି ସେ କଣ ଓଡିଶାବାସୀଙ୍କ କଥା ବୁଝିବେ ? ଶେଷ ନିଶ୍ୱାସ ଥିବା ଯାଏ ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ବିଜେଡି ପାଇଁ କାର୍ଯ୍ୟ କଲେ, କିନ୍ତୁ ନିଜ ଦଳର ସହଯୋଗୀଙ୍କ ସୁଖଃ ଦୁଃଖର ସାଥୀ ହୋଇପାରିଲେ ନାହିଁ ନବୀନ ପଟ୍ଟନାୟକ। ଏପରିକି ସ୍ୱର୍ଗତଃ ଢୋଲକିଆଙ୍କ ଶେଷ ସମୟରେ ତାଙ୍କ ସ୍ୱାସ୍ଥ୍ୟ ସଂପର୍କରେ ଚିନ୍ତା ମଧ୍ୟ କଲେ ନାହିଁ ଏହା ଅତ୍ୟ" ଦୁଃଖଦାୟକ ବୋଲି ଛତିଶଗଡର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ କହିଛନ୍ତି।

ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ନୂଆପଡା ବ୍ଲକ ଅନ୍ତର୍ଗତ ପଞ୍ଚମପୁରଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଶ୍ରୀ ସାଏ କହିଛନ୍ତି ଯେ, କଂଗ୍ରେସ ପରିବାରବାଦକୁ ଛାଡି ପାରିନି। ଦୀର୍ଘ ୫୦ ବର୍ଷର ନିଜ ଶାସନ ସମୟରେ କଂଗ୍ରେସ ଦଳ ଓଡିଶାକୁ ଅବହେଳା କରିବା ସହିତ ଲୁଟିଦେଇଛି

। ଉଭୟ ବିଜେଡି - କଂଗ୍ରେସ ଦଳ ପାରିବାରିକ ଦଳ । କଂଗ୍ରେସ ଓ ବିଜେଡି ଦଳ କେବଳ ଭୋଟ ପାଇଁ ଓଡିଶାବାସୀଙ୍କୁ ବ୍ୟବହାର କରିଛି । ବର୍ତମାନ ଉଭୟ ବିଜେଡି ଓ କଂଗ୍ରେସ ଦଳ ଓଡିଶାବାସୀଙ୍କ ଦ୍ୱାରା ପ୍ରତ୍ୟାକ୍ଷିତ ହୋଇସାରିଛନ୍ତି। 'ବିଜେପିର ଅନ୍ୟ ନାମ ବିକାଶ' କୁ ନୂଆପଡାବାସୀ ହୃଦବୋଧ କରିସାରିଛନ୍ତି। ଏଥର ବିପୁଳ ସଂଖ୍ୟାରେ ପଦ୍ମ ଚିହ୍ନରେ ଭୋଟ ଦେଇ ବିଜେପି ପ୍ରାର୍ଥୀ ଯୁବ ଚେହେରା ଶ୍ରୀ ଜୟ ଢୋଲକିଆଙ୍କୁ ବିଜୟୀ କରିବେ ବୋଲି ଶ୍ରୀ ସାଏ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ମୋ ଭଳି ଜଣେ ସାମାନ୍ୟ ଚାଷୀ ପରିବାରରୁ ଆସିଥିବା ସାଧାରଣ ଲୋକଟି ୩ ଥର ବିଧାୟକ, ୪ ଥର ସାଂସଦ, ୩ଥର ରାଜ୍ୟ ସଭାପତି ଏବଂ ମୋଦି ସରକାରର ପ୍ରଥମ ପାଳିରେ କେନ୍ଦ୍ରମନ୍ତ୍ରୀ ହୋଇଛି ବୋଲି ଶ୍ରୀ ସାଏ କହିଛନ୍ତି। ଜଣେ ଗରୀବ ହିଁ ଅନ୍ୟ ଜଣେ ଗରୀବର ଦୁଃଖକୁ ବୁଝିଥାଏ। ସାମାନ୍ୟ ଓ ଗରୀବ ପରିବାରରୁ ଆସିଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଶାସନକୁ ଆସିବା ପରେ "ମୋ ସରକାର ଗରୀବଙ୍କ ପାଇଁ ସମର୍ପିତ" ବୋଲି କହିଥିଲେ ଏବଂ ପ୍ରଥମ ଦିନରୁ ଗରୀବଙ୍କ କଲ୍ୟାଣ ଓ ଉଥାନ ପାଇଁ ଅନେକ କଲ୍ୟାଣକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ କରିଛନ୍ତି। ଶୌଚାଳୟ, ପକ୍କାଘର, ମାଗଣା ରାସନ, ବିଜୁଳି ଭଳି ମୌଳିକ ସମସ୍ୟାର ସମାଧାନ କରିପାରିଛନ୍ତି। ଆଦିବାସୀଙ୍କୁ ସମ୍ମାନ ଦେବା ସହିତ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି। ଆଦିବାସୀ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ ଆଜି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଛନ୍ତି। ଭାରତୀୟ ଜନତା ପାର୍ଟିରେ ଜୟ ଢୋଲକିଆ ଆସିଛନ୍ତି ଆପଣଙ୍କ ସେବା କରିବା ପାଇଁ । ବିଧାୟକ ହେବା ପରେ କେନ୍ଦ୍ର ଓ ରାଜ୍ୟରୁ ପଇସା ଆଣି ଜୟ ଢୋଲକିଆ ନୂଆପଡା ଏବଂ ଅଞ୍ଚଳବାସୀଙ୍କ ସାମଗ୍ରିକ ବିକାଶ କରିବେ ବୋଲି ଶ୍ରୀ ସାଏ କହିଛନ୍ତି।

ଏହି ବିଶାଳ ବିଜୟ ସଂକଳ୍ପ ସମାବେଶରେ ପ୍ରାର୍ଥୀ ଜୟ ଢୋଲକିଆ, ସ୍ୱର୍ଗତ ରାଜୁ ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସାଂସଦ ମାଲବିକା ଦେବୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧକ୍ଷା ସୁଶ୍ରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ସମୀର ମହାନ୍ତି, ରାୟପୁର ବିଧାୟକ ପୁରନ୍ଦର ମିଶ୍ରଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

କଟକର ଐତିହାସିକ ବାଲିଯାତ୍ରାରେ

ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ଉପରେ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ସବ୍ୟୁ) : ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି) କଟକର ଐତିହାସିକ ବାଲିଯାତ୍ରାରେ ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ଉପରେ ଏକ ମଲଟିମିଡିଆ ପ୍ରଦର୍ଶନୀ ଆୟୋଜନ କରୁଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ନିର୍ଦ୍ଦେଶକ (ଓଡିଶା କ୍ଷେତ୍ର) ଅଖିଳ କୁମାର ମିଶ୍ର ଏହି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ରବୀନ୍ଦ୍ର କୁମାର ଗରଡ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ।

ପ୍ରଦର୍ଶନୀରେ ନାଗରିକ-କୈନ୍ଦ୍ରିକ ଶାସନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରମୁଖ କଲ୍ୟାଣକାରୀ ଯୋଜନା, ପ୍ରମୁଖ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ପଦକ୍ଷେପଗୁଡ଼ିକୁ ଉଦଭାସିତ କରାଯାଇଛି । ଉପ-ନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା, ପ୍ରଦୀପ କୁମାର ଚୌଧୁରୀ, ପାର୍ଥସାରଥୀ ମଲ୍ଲିକ, ଏବଂକ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟଙ୍କ ସମେତ ପିଆଇବି ଏବଂ ସିବିସିର ଅଧିକାରୀମାନେ,ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରଦର୍ଶନୀଟି ପରିଦର୍ଶକଙ୍କ ଠାରୁ, ବିଶେଷକରି ଯୁବପିଢ଼ି ଏବଂ ଛାତ୍ରମାନଙ୍କ ଠାରୁ ଉତ୍ସାହଜନକ ପ୍ରତିକ୍ରିୟା ପାଇଥିଲା ଯେଉଁମାନେ ପାରସ୍ପରିକ ପ୍ରଦର୍ଶନ ଏବଂ ସାଂସ୍କୃତିକ ପ୍ରଦର୍ଶନ ମାଧ୍ୟମରେ ସରକାରଙ୍କ ପରିବର୍ତ୍ତନକାରୀ ପଦକ୍ଷେପ ଗୁଡ଼ିକୁ ଅନୁସନ୍ଧାନ କରିବାକୁ ଆଗ୍ରହୀ ଥିଲେ । ଏକ ମେଗା ସାର୍ବଜନୀନ ପ୍ରସାର ପଦକ୍ଷେପ ଭାବରେ ବର୍ଣ୍ଣିତ, ଏହି ପ୍ରଦର୍ଶନୀ କଟକର ବାଲିଯାତ୍ରା ପଡ଼ିଆରେ ୧୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ ।

କଟକ ବାଲିଯାତ୍ରାରେ ଡାଲମିଆ ସିମେଣ୍ଟର ଅଂଶଗ୍ରହଣ

ଭୁବନେଶ୍ୱର (ସବ୍ୟୁ) : ଭାରତର ଅନ୍ୟତମ ଅଗ୍ରଣୀ ପ୍ରମୁଖ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) କଟକରେ ନଭେମ୍ବର ୫ ତାରିଖରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଐତିହାସିକ ବାଲିଯାତ୍ରାରେ ଅଂଶଗ୍ରହଣ କରୁଛି। ଏହି ଐତିହାସିକ ଉତ୍ସବ ଜରିଆରେ ଏହା ଓଡ଼ିଶାର ପାରମ୍ପରିକ ନୌକା ତିଆରି କାରିଗରଙ୍କୁ ସମ୍ମାନ ପ୍ରଦର୍ଶନ କରିଛି। ବିଦ୍ୟତା ଏବଂ କାରିଗରୀକୁ ସମ୍ମାନ ପ୍ରଦର୍ଶନ କରିବାର ଏହାର ନୈତିକତା ମୁତାବକ କମ୍ପାନୀ ଏହି କାରିଗରମାନଙ୍କୁ ସ୍ୱୀକୃତି ଜଣାଇବା

ଏବଂ ସମ୍ବର୍ଦ୍ଧିତ କରିବାକୁ ଏକ ସ୍ୱତନ୍ତ୍ର ପ୍ରୟାସ ଶୁଭାରମ୍ଭ କରିଛି। ଏହି ପ୍ରୟାସର ଅଂଶସ୍ୱରୂପ ଦୁଇଜଣ ବିଶିଷ୍ଟ କାରିଗର ସୁକାନ୍ତ ନାୟକ ଏବଂ ବସନ୍ତ ନାୟକଙ୍କୁ ସେମାନଙ୍କର ଦକ୍ଷତା, କାରିଗରୀ କୁଶଳତା ଏବଂ ଓଡ଼ିଶାର ସାମୁଦ୍ରିକ ପରମ୍ପରା କ୍ଷେତ୍ରରେ ଅବଦାନ ନିମନ୍ତେ ଡିଏସ୍‌ପି ଏକ୍ସପର୍ଟ ବୋଇତ ଶିଳ୍ପକାର ସମ୍ମାନରେ ସମ୍ମର୍ଦ୍ଧିତ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅବସରରେ ନବୀନ ତିୱାରୀ, ଚିଫ୍ ମାର୍କେଟିଂ ଅଫିସର, ଡାଲମିଆ ସିମେଣ୍ଟ କହିଥିଲେ, "ଡାଲମିଆ ସିମେଣ୍ଟରେ ଆମେ ବିଶ୍ୱାସ କରୁଛୁ ଯେ ବାସ୍ତବ ବିଦ୍ୟତା ଚିରନ୍ତନ। ଓଡ଼ିଶାର ପାରମ୍ପରିକ ନୌକା ତିଆରି କାରିଗରମାନଙ୍କୁ ସମ୍ବର୍ଦ୍ଧିତ କରି ଆମେ କେବଳ ସେମାନଙ୍କର କାରିଗରୀ ବିଦ୍ୟତାକୁ ନେଇ ଖୁସି ମନାଉନାହୁଁ, ତାହାସହିତ ସେମାନଙ୍କ ମଜଭୁତ ଦକ୍ଷତା ଉତ୍ସାହ, ନିଖୁଣତା ଏବଂ ଗୌରବକୁ ମଧ୍ୟ ପାଳନ କରୁଛୁ ଯାହା ମହାନ କାରିଗରୀକୁ ଭରିଭାଷିତ କରୁଛି। ଡାଲମିଆ ସିମେଣ୍ଟର ବ୍ରାଣ୍ଡ ପାଭିଲିଅନ୍‌କୁ ନବୀନ ତିୱାରୀ, କମ୍ପାନୀ ଅଧିକାରୀବୃନ୍ଦ, କର୍ମଚାରୀ, ଚ୍ୟାନେଲ ସହଭାଗୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ।

ଦୁଇଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ଚୋରି

୧୨ଟି ଫ୍ୟାନ ସହ ଇନଭର୍ଟର ଓ ବ୍ୟାଟେରୀ ଚୋରି

ବେତନଟୀ (ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନରେ ଥିବା କଳମା ଏବଂ ଖଇରିବଣି ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ସମାନ ଢଙ୍ଗରେ ଚୋରି , ତାଲା ଭାଙ୍ଗି ୧୨ଟି ଫ୍ୟାନ ଏବଂ ଇନଭର୍ଟର ଓ ବ୍ୟାଟେରୀ ଚୋରି କଲେ ଦୁର୍ବୁତ୍ତ । ପ୍ରାପ୍ତ ସୂଚନା ମୁତାବକ କଳମା ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବୁଧବାର କାର୍ଯ୍ୟ ସାରି ସନ୍ଧ୍ୟା ୫ ଘଟିକା ସମୟରେ ସମସ୍ତ କର୍ମଚାରୀଙ୍କ ସମେତ କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ଘରକୁ ଯାଇଥିଲେ । ମାତ୍ର ଗୁରୁବାର ସକାଳ ୯ ଘଟିକା ସମୟରେ ଆସି ଦେଖିବା ବେଳକୁ ବାହାର ଗେଟର ତାଲା ଭଙ୍ଗା ଯିବା ସହ ସମସ୍ତ ଦ୍ୱାରରେ ଲାଗିଥିବା ତାଲା ଭଙ୍ଗା ଯାଇଥିଲା । ସମସ୍ତ କର୍ମଚାରୀ ଆରୋଗ୍ୟ ମନ୍ଦିର ଭିତରକୁ ଯାଇ ଦେଖିବା ବେଳକୁ ଘର ଗୁଡିକରେ ଲାଗିଥିବା ସମସ୍ତ ୧୨ ଗୋଟି ଫ୍ୟାନ ଚୋରି ହୋଇଯାଇଥିଲା । ସଙ୍ଗେ ସଙ୍ଗେ ଏ ନେଇ କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ବୈଶିଙ୍ଗା ପୁଲିସକୁ ଖବର ଦେବା ସହ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ସମାନ ଢଙ୍ଗରେ ଖଇରିବଣି ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ତାଲା ଭଙ୍ଗାଯାଇ ଗୋଟିଏ ଇନଭର୍ଟର ଓ ବ୍ୟାଟେରୀ ଚୋରି କରିନେଲେ ଦୁର୍ବୁତ୍ତ ।ଦୁଇଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀଙ୍କ ଲିଖିତ ଅଭିଯୋଗ ମୂଳେ ୫୬୬/୨୫ ଏବଂ ୫୬୭/୨୫ ର ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ବୈଶିଙ୍ଗା ପୁଲିସ ।

ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ । ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ । ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ଶ୍ରାଦ୍ଧଦିବବସ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉତ୍କଳ ସମ୍ମିଳନୀ, ପୂଜ୍ୟପୂଜା ସଂସଦ ଓ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତିର କର୍ମକର୍ତ୍ତା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ନ୍ୟାୟ ଓଡ଼ିଶା ଷ୍ଟଲ୍ କୁ ଉଦ୍‌ଘାଟନ କଲେ ମୁଖ୍ୟ ବିଚାରପତି

କଟକ,(ସବ୍ୟୁ): ଆଇନ ସେବା ସମ୍ପର୍କରେ ସଚେତନତା, ସମସ୍ତଙ୍କ ନିକଟରେ ଯେପରି ଆଇନ ସହାୟତା ପହଞ୍ଚିପାରିବ ଏହିସବୁ ଉଦ୍ଦେଶ୍ୟକୁ ସଫଳ କରିବା ଲକ୍ଷ୍ୟରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାଲିଯାତ୍ରା ପଡିଆରେ ଆଇନ ସହାୟତା କେନ୍ଦ୍ର 'ନ୍ୟାୟ ଓଡିଶା' ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି । ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ପ୍ରମୁଖ ପୃଷ୍ଠପୋଷକ ଜଷ୍ଟିସ୍ ହରିଶ ଟଣ୍ଡନ ଏହି ଷ୍ଟଲକୁ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ

আন্তর্জাতিক উড্ডয়ন প্রতিযোগিতা প্রতিযোগীদের আকর্ষণ



জুবলপুর, (বধূখ): প্রতিযোগিতা চলাকালীন একটি বিমান। এসেছে বিভিন্ন রাজ্য ও প্রতিবেশী দেশ থেকে। ছবি: নিজস্ব

ଗ୍ରୀନ୍‌ଇଣ୍ଡିଆ ଚିଟ୍‌ଫଣ୍ଡ କମ୍ପାନୀ ଏମ୍‌ଡିଙ୍କ ଘରେ ଇଡି ଚଢ଼ାଉ

ବ୍ରହ୍ମପୁର, (ସବ୍ୟୁ): ଗ୍ରୀନଇଣ୍ଡିଆ ଚିଟଫଣ୍ଡ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ପ୍ରଦୀପ ସିଂଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢାଉ ହୋଇଛି । ଗୁରୁବାର ଇଡିର ୬ ଜଣିଆ ଦଳ ବ୍ରହ୍ମପୁର ଆଯୋଧ୍ୟାନଗର ୨ୟ ଲାଇନ୍ ସ୍ଥିତ ପ୍ରଦୀପଙ୍କ ବାସଭବନରେ ପହଞ୍ଚି ପଚରା ଉଚରା କରୁଛନ୍ତି । ସେହିପରି ଜୟପ୍ରକାଶ ନଗର ଛକ ନିକଟରେ ଥିବା ଏକ ବିଲଡର ସଂସ୍ଥାରେ ମଧ୍ୟ ଚଢାଉ କରାଯାଇଛି । ଜମି କାରବାରରେ କୋଟି କୋଟି ଟଙ୍କାର ହେରଫେର ଅଭିଯୋଗରେ ଇଡି ପକ୍ଷରୁ ଏହି ଚଢାଉ ହୋଇଥିବା ସୂଚନା ମିଳିଛି । ପ୍ରକାଶ ଥାଉକି ଗ୍ରୀନ ଇଣ୍ଡିଆ ଚିଟ ଫଣ୍ଡ ସଂସ୍ଥାର ଆର୍ଥିକ ଠକେଇ ସାମ୍ନାକୁ ଆସିବା ପରେ ପ୍ରଦୀପ ସିଂ ଗିରଫ ହୋଇ ଜେଲରେ ଥିଲା । ବର୍ତମାନ ସେ ଜାମିନରେ ଅଛନ୍ତି । ନିକଟରେ ତାଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ଏକାଧିକ ଆର୍ଥିକ ଠକେଇ ମାମଲା ରୁଜୁ ହୋଇଥିଲା ।

ନବଜାତ ଛୁଆକୁ ସୁରକ୍ଷା ଦେଲେ ୨୦ ହାତୀ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡରେ ୭୨ଟି ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ୯ଟି ହାତୀ ରହିଛନ୍ତି । ସୋମବାର ରାତିରେ ମୁଜାଗଡ ସେକ୍ସସନର ଦର୍ପଙ୍ଗିଆ ଜଙ୍ଗଲ ବେଲାଟୁନୁ ଗ୍ରାମ ନିକଟରେ ଗୋଟିଏ ହାତୀଛୁଆ ଜନ୍ମ ହୋଇଥିବାବେଳେ ସେହି ନବଜାତ ହାତୀ ଛୁଆଟିକୁ ୨୦ଟି ହାତୀ ସୁରକ୍ଷା ଦେବାକୁ ଘେରି ରହିଥିଲେ ।

ଛୁଆ ଜନ୍ମସ୍ଥଳ ଠାରୁ ମାତ୍ର ୫ କିମି ଦୂରରେ ଗତ ଗୁରୁବାର ଗୋଟିଏ ଦନ୍ତା ହାତୀକୁ ଶିକାରୀ ଗୁଳି କରି ମାରିଥିବାରୁ ବନବିଭାଗ କର୍ମଚାରୀମାନେ ୨୪ ଘଣ୍ଟିଆ ନଜର ରଖିବା ସହ କର୍ମଚାରୀମାନେ ପାଳି କରି ଜଗି ରହୁଛନ୍ତି । ଡ୍ରୋନରେ ଆକାଶପଥରୁ ନିରୀକ୍ଷଣ ଚାଲିଛି । ଉତ୍ତର ବନଖଣ୍ଡରୁ ଗୋଟିଏ ଦନ୍ତା ହାତୀ ମଙ୍ଗଳବାର କନ୍ଧମାଳ ଅଭିମୁଖେ ଚାଲିଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ସେହି ପଲର ଗୋଟିଏ ଦନ୍ତା ହାତୀ ବନକର୍ମୀଙ୍କୁ ଗୋଡ଼ାଇ ଆସୁଥିବା ଦେଖାଯାଇଛି । ହାତୀମାନେ ବାଣ ଫୁଟାକୁ ଭୟ କରୁନାହାନ୍ତି, ଲୋକେ ଘୋଡ଼ାଇଲେ ମଧ୍ୟ ନଯାଇ ଫସଲ ନଷ୍ଟ କରୁଛନ୍ତି । ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ପ୍ରତି ଘଣ୍ଟାରେ ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି । ବନ୍ୟପ୍ରାଣୀ ଓ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଥିବା କଥା ବନଖଣ୍ଡ ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

ବିଭିନ୍ନ ସମସ୍ୟା ନେଇ ବିଦ୍ୟାଳୟ ଫାଟକରେ ତାଲା
ଅଭିଭାବକ ଓ ଛାତ୍ର ଛାତ୍ରୀଙ୍କ ଧାରଣା

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତର ଉତ୍ତା ଗ୍ରାମ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ମୁଖ୍ୟ ଫାଟକରେ ଅଭିଭାବକ ଓ ଛାତ୍ରଛାତ୍ରୀ ତାଲା ପକାଇବା ସହ ପଞ୍ଚାୟତର ପାଞ୍ଚ ଖଣ୍ଡ ଗାଁର ଜନସାଧାରଣ ଧାରଣା ଦେଇଥିଲେ । ଏହି ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪୦୪ ଜଣ ଛାତ୍ର ଛାତ୍ର ରହିଛନ୍ତି । ପ୍ରଥମ ଶ୍ରେଣୀରୁ ଅଷ୍ଟମ ପର୍ଯ୍ୟନ୍ତ ୧୯୨ ଛାତ୍ରଛାତ୍ରୀ ରହିଥିବାବେଳେ ଏମାନଙ୍କ ପାଇଁ କେବଳ ତିନି ଜଣ ଶିକ୍ଷକ ଅଛନ୍ତି । ନବମ ଓ ଦଶମ ଶ୍ରେଣୀରେ ୧୨୬ ଜଣ ଛାତ୍ର ଛାତ୍ରୀ ପାଠ ପଢୁଥିବାବେଳେ ଏମାନଙ୍କ ପାଇଁ ମଧ୍ୟ କେବଳ ତିନି ଜଣ ଶିକ୍ଷକ ରହିଛନ୍ତି । ନବମ ଓ ଦଶମ ଶ୍ରେଣୀ ପାଇଁ ଗଣିତ, ବିଜ୍ଞାନ ଓ ହିନ୍ଦୀ ବିଭାଗରେ ଶିକ୍ଷକ ନାହାନ୍ତି ।

ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ପାଇଁ ୭ଜଣ ଶିକ୍ଷକଙ୍କ ଆବଶ୍ୟକ ରହିଥିବା ବେଳେ ୩ଜଣ ଶିକ୍ଷକଙ୍କୁ ନେଇ ଯେଣେ ତେଣେ ପ୍ରକାରେ ପାଠ ପଢା ଚାଲିଛି । ନବମ ଓ ଦଶମ ଶ୍ରେଣୀରେ ପାଠ ପଢା ମଧ୍ୟ ଘୋର ଅବ୍ୟବସ୍ଥାରେ ଚାଲିଛି । ଏହାସହ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଆବଶ୍ୟକୀୟ ପାଠ ପଢା ଗୃହ ମଧ୍ୟ ନାହିଁ । ସେହିପରି ବିଦ୍ୟାଳୟର ଚତୁର୍ପାଶ୍ୱର୍ରେ ସୁରକ୍ଷା ପାଇଁ ପାଚେରୀ ନାହିଁ । ଏତେ ସବୁ ସମସ୍ୟା ନେଇ ଆଜି ସ୍କୁଲ ପରିଚାଳନା ସଭାପତି ମନୋଜ କୁମାର ସ୍ୱାଇଁ ଏବଂ ବଳରାମ ପୁର ସରପଞ୍ଚ ଗୀତାଞ୍ଜଳି ମଳିକ ଓ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ଦିନ ୧୦ଘଣ୍ଟ ସମୟରେ ମୁଖ୍ୟ ଫାଟକରେ ତାଲା ପକାଇ ସମସ୍ତ ଦାବି ପୂରଣ ନେଇ ଶତାଧିକ ଅଞ୍ଚଳବାସୀ ଧାରଣାରେ ବସିଥିଲେ । ଏ ସମସ୍ୟା ନେଇ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିଶ୍ ଚନ୍ଦ୍ର ଦଳାଇ ଧରାକୋଟ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ ଆସନ୍ତାକାଲି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବ । ଏହାସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି ଯେ ଆସନ୍ତା ୧୫ କିମ୍ବା ୧୬ ତାରିଖରେ ଶିକ୍ଷକ ମାନଙ୍କ ନିଯୁକ୍ତି ମେଳା ପରେ ତୁରନ୍ତ ନବମ, ଦଶମ ଶ୍ରେଣୀ ପାଇଁ ଆବଶ୍ୟକୀୟ ଶିକ୍ଷକ ପଦବୀ ପୂରଣ କରାଯାଇ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା କଥା ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଠାରୁ ପ୍ରକାଶ । ଏତେ ସବୁ ଘଟଣା ଘଟିଥିଲେ ମଧ୍ୟ କୌଣସି ପଦାଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଥିଲେ ଯାହାକି ଧରାକୋଟ ବ୍ଲକର ଦୁର୍ଗମ ଓ ଉପାନ୍ତ ଅଞ୍ଚଳରେ ରହିଥିବା ବିଦ୍ୟାଳୟର ଆଦିବାସୀ ଛାତ୍ର ଛାତ୍ରୀଙ୍କ ପାଇଁ ପରିତାପର ବିଷୟ ପାଲଟିଛି ।

ଆଗାମୀ ୧୫ଦିନ ମଧ୍ୟରେ ସମସ୍ତ ସମସ୍ୟା ର ସମାଧାନ ନହେଲେ ପୁଣି ଛାତ୍ରଛାତ୍ରୀ ଓ ଅଭିଭାବକ ଫାଟକ ସମ୍ମୁଖରେ ଧାରଣା ପାଇଁ ନିଷ୍ପତି ନେଇଛନ୍ତି । ସେହିପରି ଗତ ସରକାର ସମୟରେ ବିଦ୍ୟାଳୟ ଭିତିଭୂମିର ବିକାଶ ପାଇଁ ଆସିଥିବା ଅନୁଦାନ ୫୦ଲକ୍ଷ ଟଙ୍କା ସଠିକ୍ ବିନିଯୋଗ ନହୋଇ ବାଟମାରଣା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ବିଦ୍ୟାଳୟର ପାଚେରୀ, ଶ୍ରେଣୀ ଗୃହ, ଖେଳପଡ଼ିଆ ଅସମ୍ପୂର୍ଣ୍ଣ ରହିଛି ।ଯାହାକି ବ୍ଲକ ପ୍ରଶାସନର ପରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଧରାକୋଟ ବ୍ଲକ ପ୍ରଶାସନର ଅପାରଗତା ଯୋଗୁଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ବିଦ୍ୟାଳୟର ୪୦୪ ଜଣ ଛାତ୍ର ଛାତ୍ରୀଙ୍କ ସୁନେଲି ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି । ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଆଦିବାସୀ ଅଞ୍ଚଳରେ ଏପରି ଘଟଣା ସରକାରଙ୍କ ଅସହାୟତାକୁ ପଦାରେ ପକାଇ ଦେଇଛି ।

ବାରିପଦାରେ ଶ୍ରୀଗୁରୁ ଭାଗବତ ଜନ୍ମୋତ୍ସବ ପାଳିତ

ବାରିପଦା, (ସବ୍ୟୁ) : ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବାରିପଦାର ବିଭିନ୍ନ ସ୍ଥାନରେ ୨୪ତମ ଶ୍ରୀଗୁରୁ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ବଡବଜାର ସ୍ଥିତ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀରେ ପୂଜା ଓ ହୋମଯଜ୍ଞ ସହ ସାମୂହିକ ଶ୍ରୀଗୁରୁ ଭାଗବତ ପଠନ ହୋଇଥିଲା। ଜଂଜପୁର ସ୍ଥିତ ଭୁଗୁଡ଼ାକଟା ଶ୍ରୀଗୁରୁ ଭାଗବତ ଟୁଙ୍ଗୀରୁ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ନଅ ଖଣ୍ଡ ଶ୍ରୀଗୁରୁ ଭାଗବତ ଗ୍ରନ'କୁ ଏକ ସୁସଜ୍ଜିତ ପାଲିଙ୍କିରେ ରଖି ଭକ୍ତମାନେ ପାଲିଙ୍କି ଶୋଭାଯାତ୍ରାରେ ବାହାରି ଜଂଜପୁର ସାହି ପରିକ୍ରମା କରିଥିଲେ। ଶବର ସାହି ସ୍ଥିତ ଶିରିଡି ସାଇ ମନ୍ଦିରରୁ ମଧ୍ୟ ଭକ୍ତମାନେ ଶ୍ରୀଗୁରୁ ଭାଗବତ ଗ୍ରନ'କୁ ଏକ ଶୋଭାଯାତ୍ରାରେ ମନ୍ଦିର ପରିକ୍ରମା କରିଥିଲେ। ଏହାସହ ଜଂଜପୁରରେ ଚାଲିଥିବା ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ଶ୍ରୀଗୁରୁ ଭାଗବତ ପଠନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ହୋଇଥିଲା ।

୨୦୦୧ ମସିହାର କାର୍ତ୍ତିକ ପୂର୍ଣ୍ଣିମା ରାତିରେ ଏହି ମହାନ ଗ୍ରନ'ର ପ୍ରଥମ ଚାରି ଧାଡି ଶ୍ରୀଗୁରୁଦେବ ଗୁରୁଦେବ, ପ୍ରାଣ ମୋ ଖୋଜେ ପାଦ ତବ। ତୁମ ଶ୍ରୀ ପୟର ଧ୍ୟାନରେ, ଏକାଗ୍ରତା ଆସେ ମନରୋ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ କଲମରୁ ନବାକ୍ଷରୀ ଛନ୍ଦରେ ସ୍ୱତଃ ଝରି ଆସିଥିଲା। ଗୁରୁ ପରମ୍ପରା, ଗୁରୁ ଶିଷ୍ୟ ସମ୍ବନ୍ଧ, ଅନ୍ଧବିଶ୍ୱାସ, ଜନ୍ମ ମୃତ୍ୟୁ ବିଦ୍ୟା, କାଳ ତତ୍ତ୍ୱ, ପିତୃମାତୃପୂଜନ ଆଦି ବହୁ ବିଷୟରେ ଏହି ଗ୍ରନ'ରେ ରଚିତା ବର୍ତ୍ତମାନ ସୁଦ୍ଧା ନଅ ଖଣ୍ଡ ଗ୍ରନ' ପ୍ରକାଶିତ ହେଲାଣି।

କେବଳ ଓଡ଼ିଆରେ ନୁହେଁ ଇଂରାଜୀ ଭାଷା ସହ ଭାରତର ୨୦ଗୋଟି ପ୍ରାନ୍ତୀୟ ଭାଷାରେ ଏହି ଗ୍ରନ' ଅନୁବାଦିତ ହୋଇ ପ୍ରକାଶିତ ହୋଇସାରିଲାଣି। ଏହା ସହ ଚାରୋଟି ବିଦେଶୀ ଭାଷାରେ ମଧ୍ୟ ଅନୁବାଦିତ ହୋଇ ବିଦେଶରେ ଲୋକଙ୍କ ଭିତରେ ଆଦୃତ ହେଲାଣି। ୨୦୨୩ ମସିହା ଜୁଲାଇ ୧୩ ତାରିଖକୁ ଆମେରିକାର କିଙ୍ଗ କାଉଣ୍ଟି ପ୍ରଦେଶ ଶ୍ରୀଗୁରୁ ଭାଗବତ ଦିବସ ରୂପେ ପାଳନ କରୁଛି ।

ନିଷ୍ଟ ବିଶ୍ୱବିଦ୍ୟାଳୟରେ ବୈଷୟିକ ଶିକ୍ଷା କର୍ମଶାଳା ସଙ୍କଳ୍ପ ଉଦ୍‌ଘାଟିତ

ଗୋଳନ୍ଥରା, (ସବ୍ୟୁ): ସ୍ଥାନୀୟ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଦୁଇ ଦିନିଆ ବୈଷୟିକ ଶିକ୍ଷା କର୍ମଶାଳା ସଂକଳ୍ପ ଉଦଘାଟିତ ହୋଇଛି । ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଡ. ସୁକାନ୍ତ କିଶୋର ମହାପାତ୍ର, କୁଳପତି ଡ଼. ପ୍ରିୟଦର୍ଶନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ କଗ୍ନିଜେଣ୍ଟ କମ୍ପାନୀର ଉପସଭାପତି ତଥା ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ସତୀଶ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଏମ୍ବ ଜାମ୍ମୁ କାଶ୍ମୀରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକଫର ସଚିଦାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ । ପରାମର୍ଶଦାତା ଅଧ୍ୟାପକ ପ୍ରଫେସର ସ୍ୱାଧୀନ ମିଶ୍ର, ମିଟୁ ବରାଳ, ଛାତ୍ର ସଭାପତି ଶୁଭମ ମିଶ୍ର, ଛାତ୍ର ସଚିବ ଫୈଜାନ ଅହମଦ ଏବଂ କୋଷାଧକ୍ଷା ସୌମ୍ୟାଶ୍ରୀ ରଥ ମଞ୍ଚାସୀନ ଥିଲେ ।

ଏହି ଅବସରରେ ଏମ୍ବ ଜମ୍ମୁ ଏବଂ କାଶ୍ମୀରର ନିର୍ଦ୍ଦେଶକ ଡକଫର ସଚିଦାନନ୍ଦ ମହାନ୍ତି କହିଥିଲେ ଯେ ପ୍ରତ୍ୟେକ ବିଷୟ - ତାହା ଇଞ୍ଜିନିୟରିଂ ହେଉ କିମ୍ବା ମେଡ଼ିସିନ ବହୁତ ଗୁରୁତ୍ୱପୂର୍ଣ୍ଣ । ଯେପରି ଆମ ଶରୀରକୁ ଭିଟାମିନ୍ ସି ଆବଶ୍ୟକ, ସେହିପରି ଭବିଷ୍ୟତକୁ ମସ୍ତିସ୍କକୁ ଭିଟାମିନ୍ ଏଆଇ ଆବଶ୍ୟକ । ସେ ଛାତ୍ରଛାତ୍ରୀମାନଙ୍କୁ ମେକ୍ ଇନ୍ ଇଣ୍ଡିଆ ଏବଂ ନବସୃଜନ ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ । ଗବେଷଣା ଏବଂ ବିକାଶରେ ପ୍ରଶଂସନୀୟ ପ୍ରୟାସ ପାଇଁ ନିଷ୍ଟର ବିଶ୍ୱ ନବସୃଜନ କେନ୍ଦ୍ରକୁ ପ୍ରଶଂସା କରିଥିଲେ । କଗ୍ନିଜେଣ୍ଟ କମ୍ପାନୀର ଉପସଭାପତି ତଥା ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ସତୀଶ ପ୍ରଧାନ ତାଙ୍କ ବୃତ୍ତିଗତ ଯାତ୍ରାରୁ ମୂଲ୍ୟବାନ ଅର୍ନ୍ତଦୃଷ୍ଟି ବାଣ୍ଟିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ କେବଳ ମହାନ ମହତ୍ୱାକାଂକ୍ଷା ପାଇଁ ଲକ୍ଷ୍ୟ ରଖିବା ଅପେକ୍ଷା ବାସ୍ତବ-ବିଶ୍ୱ ସମସ୍ୟାର ସମାଧାନ ପାଇଁ ନବସୃଜନଶୀଳ ଭାବରେ ଚିନ୍ତା କରିବାକୁ ଆହ୍ୱାନ କରିଥିଲେ । ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ କ୍ଲବ ତରଫରୁ ବୈଷୟିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

ଏଥିରେ ଏନସିଏସ କ୍ଲବ, ଇଏଚସି କ୍ଲବ, ଏଡି, ଇନୋଭା, ୟୁରେକା, ଏନସିସି, ଏନଏସଏସ, ଏନସିସି, ଆରଇସି, ଏକ୍ସଏଲ, ମଲଫିମିଡିଆ, ଏନଏମଏସ, ଡ୍ୟାନ୍ସ, କେଟ, ଗୁଗୁଲ, ଫୋଟୋ ଫକ୍ସ, ମ୍ୟାନେଜେମେଣ୍ଟ, ମିଡିଆ ମୁବେର କ୍ଲବ ପରି ବହୁ କ୍ଲବ ଅଂଶ ଗ୍ରହଣ କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଉଦଯାପନୀ ସନ୍ଧ୍ୟାରେ ପ୍ରସିଦ୍ଧ ବଲିଉଡ ଗାୟକ ଅମିତ ମିଶ୍ର, ଡିଜେ ରିକ୍ସ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।

ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ, ଡ. ପ୍ରୀତି ରଞ୍ଜନ ସାହୁ, ଡ. ମାନବେନ୍ଦ୍ର ପାତ୍ର, ଡ଼. ସସ୍ମିତା ପାଢ଼ୀ, ପ୍ର ପୁର୍ନେନ୍ଦୁ ମିଶ୍ର, ଡ. ହରିକୃଷ୍ଣ ଗନ୍ତାୟତ, ଡ଼. ବ୍ରଜ କିଶୋର ମିଶ୍ର, ଡ଼. ଗାୟତ୍ରୀ ପଣ୍ଡା, ଡ଼. ଚାରୁଲତା ପଲାଇ, ଡ଼. ବରାଦ ପ୍ରସାଦ ସେଠି, ଡ. ରତିକାନ୍ତ ନାୟକ, ଡ. ଆକାଂକ୍ଷା ପଟ୍ଟନାୟକ, ପ୍ର ଦୁର୍ଗା ମାଧବ ପାଢ଼ୀ, ପିତାମ୍ବର ସାହୁ, ପ୍ର ସରୋଜ ପାଢ଼ୀ, ସଂଜିତ ମହାନ୍ତି, ସୌମ୍ୟା ମୁଦୁଲି, ସନ୍ତୋଷ ନାୟକ, ପ୍ରଣୟ ରଥ, ସୁରେଶ ମହାପାତ୍ର, ସଚିନ୍ଦ୍ର ମହାପାତ୍ର, ଦିଲ୍ଲୀ ଡାଂବୁରୁ ରେଡି, ଚିନି ନରେଶ, ବାସୁଦେବ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ ।

ଦୁଇ ବାଇକ୍ ମୁହାଁମୁହିଁ, ୩ ଆହତ

ଭଞ୍ଜନଗର, (ସବ୍ୟୁ): ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ଏଥିରେ ଉଭୟ ବାଇକ୍‌ରେ ବସିଥିବା ୩ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ଆହତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ସୂଚନା ପ୍ରକାରେ ଗୋବରା ବଜାର ଠାରୁ କିଛି ଦୂରରେ ଏହି ଦୁର୍ଘଟଣା ଘଟିଛି । ଗୋବିନ୍ଦପୁର ଗ୍ରାମର ରାକେଶ କୁମାର ଗୌଡ ଏବଂ ବିଜୟ ଗୌଡ ବାଇକ୍‌ରେ ଯାଉଥିବା ବେଳେ ଗୋବରା ଗାଁର ମଦନମୋହନ ବିଶ୍ୱାଳ ଏବଂ ଜଣେ ସହଯୋଗୀ ଅନ୍ୟ ଏକ ବାଇକ୍‌ରେ ଯାଇ ଧକ୍କା ଦେଇଥିଲେ । ଉଭୟ ବାଇକ୍‌ର ରାକେଶ, ବିଜୟ ଏବଂ ମଦନ ମୋହନ ଆହତ ହୋଇ ଗୋବରା ମେଡିକାଲରେ ଚିକିତ୍ସିତ ହୋଇଥିଲେ । ତେବେ ବିଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

ସରସ୍ୱତୀ ବିଦ୍ୟା ମନ୍ଦିରରୁ ୩ ଲକ୍ଷ ଟଙ୍କା ଚୋରି

ବ୍ରହ୍ମପୁର, (ସବ୍ୟୁ): ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିରରେ ଲୁଟିଆ ଦଳ କଳାକାନା ବୁଲାଇଛନ୍ତି । କାର୍ଯ୍ୟାଳୟ ପରିସରରେ ଥିବା ଏକ କ୍ୟାସ କାଉଣ୍ଟରରୁ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଛନ୍ତି । ଏନେଇ ଗୋଶାଣିନୁଆଗାଁ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏଫ୍‌ଆଇଆର ୪୧୭/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଗତ ୪ ତାରିଖ ସକାଳେ ଉକ୍ତ ସ୍କୁଲର ଆକାଉଣ୍ଟାଣ୍ଟ କାର୍ଯ୍ୟାଳୟ ଭିତରକୁ ଯିବା ବେଳେ ବନ୍ଦ ଥିବା କ୍ୟାସ କାଉଣ୍ଟର ଖୋଲା ରହିଥିଲା । ସେଥିରେ ଥିବା ସମସ୍ତ ଟଙ୍କା ଗାୟବ ଥିଲା । ଯାଞ୍ଚ ପରେ ସେଥିରେ ଥିବା ୩ଲକ୍ଷ ୬୪ ହଜାର ୮୬୦ ଟଙ୍କା ଚୋରି ହୋଇଥିବା ଜଣାପଡିଥିଲା । ଏପରିକି ସେଠାରେ ଥିବା କେତେକ ଆଲମୀରା ତାଲା ଭାଙ୍ଗି ସେଥିରେ ଥିବା ବିଭିନ୍ନ ଡକ୍ୟୁମେଣ୍ଟ ଫିଙ୍ଗାଫୋପଡା ହୋଇ ପଡ଼ିଥିଲା । ଲୁଟେରା ଗ୍ୟାଙ୍ଗ ଉକ୍ତ କୋଠରୀର ପଛପଟ ଗ୍ରାଲ ଭାଙ୍ଗି ପଶିଥିଲେ । ପରେ ସେମାନେ କ୍ୟାସ କାଉଣ୍ଟର ଡ୍ର ଭାଙ୍ଗି ସେଥିରେ ଥିବା ସମସ୍ତ ଟଙ୍କା ଚୋରି କରି ନେଇଯାଇଥିବା ଆକାଉଣ୍ଟାଣ୍ଟ ଗୋବିନ୍ଦ ପୂଜାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରୁଛି ।

ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଶିଳ୍ପ ଓ ଶିକ୍ଷାୟତନର ଯୋଗସୂତ୍ର ସମାବେଶ

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଶିଳ୍ପ ଓ ଶିକ୍ଷାୟତନର ଏକ ଯୋଗସୂତ୍ର ସମାବେଶ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ଭାରତୀୟ ଶିକ୍ଷା ପ୍ରଣାଳୀ ବିଷୟରେ ଏକ ବକ୍ତୃତା ଶୃଙ୍ଖଳା ଉଦଘାଟିତ ହୋଇଯାଇଛି । ଭାରତ ସରକାରଙ୍କ ପି.ଏମ୍ ଉଷା ଦ୍ୱାରା ପ୍ରାୟୋଜିତ ଏବଂ ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ସପ୍ତାହ ବ୍ୟାପୀ ହେବାକୁ ଥିବା ଏହି ଦୁଇଟି କାର୍ଯ୍ୟକ୍ରମର ମିଳିତ ଉଦଘାଟନୀ ସମାରୋହରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କର

ডাক বিভাগে ৩ দিনব্যাপী ডাক চলচ্চিত্র উৎসব শুরু

ডাকমন্ত্রী ,(বঙ্গ) : বিভাগ ভ্রাম্যমাণ মাধ্যমে বর্ষে বর্ষে ডাকটিকিট সংগ্রহের অভ্যাস তৈরি হচ্ছে। ডাকবিভাগ প্রাচীন ঐতিহ্য ধারণ করেও সময়ের সাথে তাল মিলিয়ে আধুনিক সেবা দিচ্ছে। ডাক বিভাগের ৩ দিনব্যাপী চলচ্চিত্র উৎসব ডাকবিভাগের সকল কর্মকর্তা-কর্মচারীদের জন্য আনন্দ ও শিক্ষণীয় বিষয় নিয়ে এসেছে। ডাক বিভাগের এই উদ্যোগ অন্যান্য সংস্থার জন্যও অনুকরণীয় হয়ে থাকব

ବାଲେଶ୍ୱରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

ଚାପରେ ପୋଲିସ : ଥାନା ନିୟନ୍ତ୍ରଣ କରୁଛନ୍ତି ଅପରାଧୀ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଅପରାଧୀମାନେ ନିର୍ବିଘ୍ନରେ ବିଚରଣ କରୁଛନ୍ତି।ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ଝିଅ ବୋହୂ ବିଶେଷଃ କରି ଛାତ୍ରୀ ଓ କର୍ମଜୀବୀ ମହିଳାମାନଙ୍କର ଜୀବନ ଯାତ୍ରା ଦୁର୍ବିସହ ହୋଇପଡିଛି। ପ୍ରାୟ ପ୍ରତ୍ୟେକ ଦିନ ଲୁଟ, ଡକାୟତୀ, ଛିନତାଇ, ରାହାଜାନୀ, ଦୁଷ୍କର୍ମ, ହତ୍ୟା,ଅପହରଣ ଭଳି ଜଘନ୍ୟ ଅପରାଧ ଘଟୁଛି। ପୋଲିସ ଗୋଟିଏ ଦୁଇଟି ମାମଲାର ଆଂଶିକ ଅପରାଧୀଙ୍କୁ ଧରି ବାହାବା ନେଉଛନ୍ତି।ଦିଗହରା, ଦୂର୍ବଳ ତଦନ୍ତ ପାଇଁ ଅଧିକାଂଶ ମାମଲାର ଅପରାଧୀ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି ।ଅପରାଧୀଙ୍କୁ ବିଜେପି ଦଳର ବାହୁବଳୀନେତାମାନେ ସୁରକ୍ଷା ଦେଉଛନ୍ତି।ଶାସକ ଦଳର ବିଧାୟକଙ୍କର ଭାଇ, ସାଂସଦଙ୍କର ପ୍ରତିନିଧି ଓ ସେମାନଂକର ଅନୁଗତ ମାନେ ଥାନାକୁ,ପୋଲିସକୁ କବଜା କରି ରଖିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ବିଧାୟକ,ସାଂସଦଙ୍କର ପ୍ରତିନିଧି, ଅନୁଗତମାନଂକ ପ୍ରରୋଚନା ଓ ଚାପରେ କେଶ ଦର୍ଜ ହେଉଛି।ନିରୀହ ଲୋକେ ମିଛ ମାମଲାରେ ଜଡିତ ହେଉଥିବା ବେଳେ ଅପରାଧିମାନେ ବହୁ ସଂଗୀନ ମାମଲାର ଅଭିଯୁକ୍ତମାନେ ପ୍ରକାଶ୍ୟ ଦିବାଲୋକରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି।ସଂପ୍ରତି ରେମୁଣାର କ୍ଷୀରଚୋରା ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରୁ ମାଳମାଳ ବଂଧୁକ ଜବତ ହୋଇଛି।ଏହିସବୁ ମାରଣାସ୍ତ୍ର କେଉଁଠୁ ଆସିଲା, କିଏ ଆଣିଥିଲା ,କଣ ପାଇଁ ଅଣାଯାଇଥିଲା–ସେ ସଂପର୍କରେ ନିରପେକ୍ଷ ତଦନ୍ତ କରାଯାଉନାହିଁ।ବିଶେଷତଃ ରେମୁଣାରେ ଏବେ ଶହଶହ ସଂଖ୍ୟାରେ ବେଆଇନ ଭାବେ ଦେଶୀ ବିଦେଶୀ ବଂଧୁକ ଅନଯାନଯ ମାରଣାସ୍ତ୍ର ଥିଲେ ମଧ୍ୟ ସେସବୁ ଜବତ କରିବାରେ ପୋଲିସର ନୀରବତା ଓ ନିଷ୍କ୍ରିୟତା ଯୋଗୁଁ ଅପରାଧ ଦମନ ଏବେ ପ୍ରହସନ ପାଲଟିଛି। ବିଜୁ ଜନତା ଦଳର ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଏହାର ଦୃଢ ନିନ୍ଦା କରାଯାଉଛି। ଅପରାଧୀ ଓ ଅପରାଧୀମାନଙ୍କୁ ଦଣ୍ଡବିଧାନ,ଦୃତ ହସ୍ତରେ ନିରପେକ୍ଷ ଭାବରେ ଆଇନଶୃଂଖଳା ପରିସ୍ଥିତି ନିୟନ୍ତ୍ରଣ କରାନଗଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ।

ଭିଜିଲାନ୍ସ ହାତରେ ଗିରଫ ଡ଼ିଏସ୍ଏସ୍ଓ ବିପ୍ଳବ ସାମନ୍ତରାୟ

ବିପୁଳ ସମ୍ପତ୍ତି ଠାବ : ଭୁବନେଶ୍ୱରରେ ୩ ମହଲା କୋଠା, ୧୦ ପ୍ଲଟ

କେନ୍ଦୁଝର, (ସବ୍ୟୁ): ଡିଜିଟାଲ ମୋଡ ଯେପରିକି ଫୋନ ପେ ମାଧ୍ୟମରେ ଏକ ଏନଜିଓରୁ ଲାଞ୍ଚ ନେବା ପାଇଁ କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବା ଡ଼ିଏସଏସଓ ବିପ୍ଳବ କେଶରୀ ସାମନ୍ତରାୟଙ୍କୁ ଓଡିଶା ଭିଜିଲାନ୍ସ ବିଭାଗ ଗିରଫ କରିଛି । ବିପ୍ଳବ କେଶରୀ ସାମନ୍ତରାୟଙ୍କୁ ଏକ ଏନଜିଓକୁ ସୁବିଧା ଯୋଗାଇବା ପାଇଁ ଡିଜିଟାଲ ମୋଡ ଫୋନପେ ମାଧ୍ୟମରେ ସେହି ଏନଜିଓରୁ ୨୦ହଜାର ଟଙ୍କା ଲାଞ୍ଚ ଦାବି କରିବା ଏବଂ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ବିପ୍ଳବ କେଶରୀ ସାମନ୍ତରାୟଙ୍କ ବିରୁଦ୍ଧରେ ବିଭିନ୍ନ ମହଲରୁ ଅଭିଯୋଗ ଆସିଥିଲା ଯେ, ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଏନଜିଓଗୁଡ଼ିକୁ ଚୁକ୍ତିନାମା କାର୍ଯ୍ୟକାରୀ କରିବା, ସହାୟତା ପ୍ରଦାନ,ବିଲ ପ୍ରଦାନ କରିବା ସମ୍ପର୍କରେ ଏନଜିଓ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ଲାଞ୍ଚ ଆଦାୟ କରୁଥିଲେ।ଶ୍ରୀ ସାମନ୍ତରାୟ ତାଙ୍କ ଫୋନ ପେ ଆକାଉଣ୍ଟ ଏବଂ ତାଙ୍କ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ କାର୍ଯ୍ୟାଳୟ କର୍ମଚାରୀଙ୍କ

ମାଧ୍ୟମରେ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇଥିବା ସନ୍ଦେହ କରାଯାଇଥିଲା।ପ୍ରାଥମିକ ଯାଞ୍ଚ ସମୟରେ, ବିଭିନ୍ନ ଏନଜିଓ ଏବଂ ବ୍ୟକ୍ତିଙ୍କଠାରୁ ଟଙ୍କା ପ୍ରାପ୍ତିର ବହୁ ସଂଖ୍ୟକ କାରବାର ମିଳିଛି, ଯାହା ଯାଞ୍ଚ ଓ ତଦନ୍ତ ପରିସରକୁ ଆସିଛି।ଏହି ସମ୍ପର୍କରେ, ଶ୍ରୀ ସାମନ୍ତରାୟଙ୍କ ବିରୁଦ୍ଧରେ ୭ ପିସି (ସଂଶୋଧନ) ଆଇନ,୨୦୧୮ ଅନ୍ତର୍ଗତ ଭିଜିଲାନ୍ସ ସେଲ ଡିଭିଜନ ପିଏସ ମାମଲା ନଂ.୧୧/୨୦୨୫ ରୁଜୁ କରାଯାଇଛି। ଏହା ପରେ, ଆୟ ବର୍ହିଭୂତ ସମ୍ପତ୍ତି ଆହରଣ ଦୃଷ୍ଟିକୋଣରୁ ଶ୍ରୀ ସାମନ୍ତରାୟଙ୍କ ୩ଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଛି। ତଲାସ ସମୟରେ, ଶ୍ରୀ ସାମନ୍ତରାୟ ଏବଂ ପରିବାର ସଦସ୍ୟଙ୍କ ନାମରେ ଭୁବନେଶ୍ୱର ଏବଂ ଏହାର ଆଖପାଖରେ ଥିବା ୧୦ଟି ପ୍ଲଟର ବିବରଣୀ ଚିହ୍ନଟ କରାଯାଇଛି ଏବଂ ଯାଞ୍ଚ କରାଯାଉଛି। ଏହା ସହିତ, ଭୁବନେଶ୍ୱରରେ ପ୍ରାୟ ୩ହଜାର ବର୍ଗଫୁଟ ପରିମିତ ଏକ ୩ ମହଲା କୋଠା, ଭୁବନେଶ୍ୱରର ମଦନପୁରରେ ଏକ ସିମ୍ପ୍ଲେକ୍ସ ଘର ଏବଂ ଭୁବନେଶ୍ୱରର ମଦନପୁରରେ ୩ ଏକର ପରିମିତ ଏକ ଫାର୍ମ ହାଉସ ଠାବ କରାଯାଇଛି।

ସଂଘବଦ୍ଧ ଆକ୍ରମଣ ଜଣେ ମୃତ, ୬ ଗିରଫ

କେନ୍ଦୁଝର,(ଜିପ୍) :କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅଞ୍ଚଳରେ ମାଂସ ପାଇଁ ମଲା ବଳଦକୁ କାଟୁଥିବା ବେଳେ ସଂଘବଦ୍ଧ ଆକ୍ରମଣରେ ଜଣକର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଶିମୁଳି ଗ୍ରାମର ମୁନା କାଳନ୍ଦୀ (୨୩),ରତିରଞ୍ଜନ ନାଏକ (୧୯), ଅଭିଷେକ ବେହେରା (୨୨), ଲକ୍ଷ୍ମୀକାନ୍ତ ସାହୁ (୨୧), ସାଜନ ନାଏକ(୨୦) ଓ ଯଯାତି ମହାନ୍ତ ବୋଲି ଜଣାଯାଇଛି । ରବିବାର ଅପରାହ୍ନ ପ୍ରାୟ ୨ଟାରେ ଚମ୍ପୁଆ ଥାନା ମାଙ୍କଡିଆସାହିର ଜଣେ ବ୍ୟକ୍ତିଙ୍କ ମଲା ବଳଦକୁ ପୋଡିବା ପାଇଁ କାଳିକାପ୍ରସାଦ ଗ୍ରାମ କାଳନ୍ଦୀସାହିର କିରାଣି ବେହେରା ଓ ଅନ୍ୟ ତିନିଜଣ ବ୍ୟକ୍ତି ଇଚିଣ୍ଡା ଗ୍ରାମର ଅରଡେଇ ନଦୀ କୂଳକୁ ନେଇଥିଲେ। ସେଠାରେ ମଲା ବଳଦକୁ ପୋଡିବା ବଦଳରେ ମାଂସ କାଟୁଥିଲେ। ଏହା ଦେଖି ଶିମୁଳି ଗ୍ରାମର କିଛି ଯୁବକ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଗତକାଲି ସକାଳେ କିରାଣିଙ୍କ ମୃତଦେହ ଅଉଡେଇ ନଦୀ କୂଳରେ ପଡ଼ିଥିବା ଦେଖି ଗ୍ରାମବାସୀ ତାଙ୍କ ପୁଅ ଅନିରୁଦ୍ଧ ବେହେରାଙ୍କୁ ଖବରଝ ଦେଇଥିଲେ। ଅନିରୁଦ୍ଧ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁ, ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଓ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ କିରାଣିଙ୍କ ସ୍ତ୍ରୀ ସରୋଜିନୀ ବେହେରାଙ୍କ ଅଭିଯୋଗକ୍ରମେ ଚମ୍ପୁଆ ପୁଲିସ କେସ ନମ୍ବର ୩୪୫/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି।

ମହିଁଷା ରୋଗରେ ଧାନ ଫସଲ ନଷ୍ଟ

ଚିନ୍ତା ବଢ଼ାଉଛି ମାଟିଆଗୁଣ୍ଡି

ଆଗରପଡ଼ା,(ସବ୍ୟୁ): ମହିଁଷା ପରେ ଏବେ ମାଟିଆଗୁଣ୍ଡି ଚାଷୀର ଚିନ୍ତାକୁ ଦ୍ୱିଗୁଣିତ କରିଛି। ଚାଷୀଙ୍କୁ ଘାରିଛି ରୋଗ ପୋକ ଚିନ୍ତା। ସାର,କୀଟନାଶକ ପକାଇ ପକାଇ ନୟାନ୍ତ ହୋଇ ଗଲେଣି ଚାଷୀ,ହେଲେ ମାଟିଆ ଗୁଣ୍ଡି ଦମନ ହେବା ବଦଳରେ ଦିନକୁ ଦିନ ଗୋଟିଏ କ୍ଷେତରୁ ଆଉ ଗୋଟିଏ କ୍ଷେତକୁ ମାଡି ଯାଉଛନ୍ତି ରୋଗ ପୋକ। ସମ୍ପୂର୍ଣ୍ଣ ଧାନ ଚାଷକୁ ରୋଗପୋକ ନଷ୍ଟ କରିବାକୁ ଲାଗିଥିବାବେଳେ କୃଷି ବିଭାଗ ସଚେତନତା ବାର୍ତ୍ତା ପ୍ରଦାନ କରିବାରେ ଲାଗିଛି। ବିଭାଗର ଏହି ଉଦ୍ୟମ କେତେ ସଫଳ ହେବ ତାହା ସମୟ କହିବ। ଧାର କରଜ କରି ଧାନ ଚାଷ କରିଥିବା ଚାଷୀ ଏବେ ପରିବାର ଚଳାଇବା ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୃଷି ବିଭାଗ ଖବରପାଇ ବିଭିନ୍ନ ପ୍ରଭାବିତ ସ୍ଥାନକୁ ଯାଇ ଚାଷୀଙ୍କୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ପୁରୁଷଃ ପଞ୍ଚାୟତର ପୁରୁଷଃ ଗ୍ରାମରେ ପ୍ରଭାତ ପୁହାଣଙ୍କ ପାଖାପାଖି ୧୦ଗୁଣ୍ଠ ଜମି ମହିଁଷା ରୋଗରେ ଆକ୍ରାନ୍ତ ହୋଇ ନଷ୍ଟ ହୋଇଯାଇଛି। ଖବରପାଇ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି ଭିଏଡବ୍ଲୁ ଶିବରାମ ମୁର୍ମୁ ଓ କୃଷକ ସାଥି ଗଣେଷ ରାଉତଙ୍କ ସହ ଘଟଣା ସ୍ଥଳରେ ପହଂଚି ଚାଷୀଙ୍କୁ ପରାମର୍ଶ ଦେଇଥିଲେ।

ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ୩ ସହର

କେନ୍ଦୁଝର,(ଜିପ୍/ସବ୍ୟୁ): ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ୩ ଟି ସହର ସାମିଲ କରାଯାଇଛି । ଏହି ଯୋଜନାରେ ରାଜ୍ୟର ୧୨ ଟି ସହରକୁ ସାମିଲ କରାଯାଇଛି । କେନ୍ଦୁଝର ଜିଲ୍ଲାର କେନ୍ଦୁଝର ସହର, ଯୋଡା, ବଡବିଲ ସମେତ ବ୍ରହ୍ମପୁର, ବେଲପାହାଡ, ବଣାଇ, ବ୍ରଜରାଜନଗର, ଝାରସୁଗୁଡା,ପାରାଦ୍ୱୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହର ଗୁଡିକ ସାମିଲ କରାଯାଇଛି । ଏହି ସହରମାନଙ୍କରେ ବାୟୁର ପ୍ରଦୂଷଣ ମାତ୍ରା ଅଧିକ ରହୁଥିବାରୁ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ଏହି ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ । ଏଥିପାଇଁ ୨୦୨୫–୨୬ ଆର୍ଥିକ ବର୍ଷରୁ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଏହି ସହରଗୁଡିକ ପାଇଁ ମୋଟ ୧୫୦ କୋଟି ଟଙ୍କା ବ୍ୟୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ବାୟୁ ଗଣବତ୍ତା ମନିଟରିଂ କରାଯାଇ ବାୟୁ ପ୍ରଦୂଷଣ ମାତ୍ରା ୪୦ପ୍ରତିଶତ କମାଇବା ଲକ୍ଷ୍ୟ ରଖାଯାଇଛି । ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଆଗାମୀ ୫ବର୍ଷ ମଧ୍ୟରେ ପିଏମ ୧୦ ଏବଂ ପିଏମ ୨.୫ କୁ ୪୦ ପ୍ରତିଶତ ହ୍ରାସ କରିବା । ଏହି କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ଜଙ୍ଗଲ,ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ । ନଗର ଉନ୍ନୟନ ବିଭାଗର ଏହାର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ । କେନ୍ଦୁଝର ଜିଲ୍ଲାର ଏହି ୩ଟି ସହରରେ ପିଏମ–୧୦ ଏବଂ ପିଏମ ୨.୫ ର ସାନ୍ଦ୍ରତା ଅଧିକ ରହୁଥିବାରୁ ସ୍ୱାସ୍ଥ୍ୟ ପାଇଁ ହାନୀକାରକ । ପ୍ରଦୂଷିତ ବାୟୁର ଦୀର୍ଘକାଳୀନ ପ୍ରଭାବ ରହିଛି । ଏହା ଦୁସ୍ଫାତ,ଶ୍ୱାସ ରୋଗ,କର୍କଟ ରୋଗ,ଡିମେନସିଆ,ପାର୍କିନସନସ ଭଳି ରୋଗର କାରଣ ବୋଲି ଡାକ୍ତରମାନେ କହିଛନ୍ତି । ବାୟୁମଣ୍ଡଳ ପ୍ରଦୂଷିତ ହେଲେ ଶ୍ୱାସରୋଗୀ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି । ଏହି ଯୋଜନା ସଫଳ ହେଲେ ଏହି ୩ ସହରରେ ବସବାସ କରୁଥିବା ଲୋକମାନେ ସ୍ୱଚ୍ଛ ବାୟୁ ପାଇପାରିବେ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ପ୍ରକାଶ କରିଛନ୍ତି ।

ରଘୁବର ମଠରେ ବୋଇତ ବନ୍ଦାଣ ଉତ୍ସବ

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ଏବଂ ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତ ସୀମାରେ ବୈତରଣୀ ନଦୀର ତଟବର୍ତ୍ତି ରଘୁବର ଦାସ ମଠ ଓ ଜଗନ୍ନାଥ ମନ୍ଦିର ପରିସରରେ ୬ଦିନ ବ୍ୟାପି ଚାଲିଥିବା କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ବୋଇତ ବନ୍ଦାଣ ଉତ୍ସବ ସମାରୋହରେ ଉଦଯାପିତ ହୋଇଛି। ପଞ୍ଚକ ଆରମ୍ଭ ଦିନ ଏଠାରେ ମହୋତ୍ସବ ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ପର୍ଯ୍ୟାୟ କ୍ରମେ ବିଦ୍ୟାଳୟ ସ୍ତରୀୟ ପିଲାମାନଙ୍କ ନୃତ୍ୟ ପରିବେଷଣ, ଓଡ଼ିଶାର ବିଶିଷ୍ଟ କଥାକାର ମାନଙ୍କ ଦ୍ୱାରା ପ୍ରବଚନ,ନାମ ସଂକୀର୍ତ୍ତନ, ମେଲୋଡି ଇତ୍ୟାଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଏଥିପାଇଁ ବିପୁଳ ଜନସମାଗମ ହୋଇଥିଲା।ବାହାର ଅଞ୍ଚଳର ବହୁ ଉଠା ଦୋକାନୀ ମାନଙ୍କ ଗହଳି ଏବଂ ସେମାନଙ୍କ ବେପାର ପରିବେଶ ମାହୋଲକୁ ବେଶ ମୁଖରିତ କରିଥିଲା। ମହୋତ୍ସବର ଅନ୍ତିମ ଦିବସ ଆଜି ଉତ୍କଳୀୟ ପରମ୍ପରାର କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମରେ ଦୁଇ ପଞ୍ଚାୟତର ସାତ ଜଣ ପୁରୁଷ ସାଧବ ବେଶରେ ସଜ୍ଜିତ ହୋଇଥିଲେ। ସାତ ଜଣ ସାଧବ ବୋହୂ ବୋଇତ ଏବଂ ସାଧବ ପୁଅକୁ ବନ୍ଦାପନା କରି ସାରିବା ପରେ ସେମାନେ ବଣିଜ କରିବା ଉଦ୍ଦେଶ୍ୟରେ ଯାଇଥିଲେ।ସାଧବ ମାନେ ନଦୀରେ ଯାଉଥିବା ବେଳେ ନଦୀର ଉଭୟ ପାର୍ଶ ଭଦ୍ରକ ଏବଂଯାଜପୁର ଜିଲାର କୂଳସାହି, ତେଲିପାଟଣା,ଗଡଗ ସାହି, ନାରାୟଣପୁର, ପ୍ରଭୃତି ଗ୍ରାମର ମହିଳା ମାନେ ଶଙ୍ଖ ହୁଳହୁଳି ଦେଇ ସଓ୍ୱାଗତ ଜଣାଇଥିଲେ। ବୋଇତ ବନ୍ଦାଣ ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ନେତା ସମେତ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

ବୋଇତ ବନ୍ଦାଣ ଉତ୍ସବ

ଧାମରା, (ସବ୍ୟୁ): ଧାମରାସ୍ଥିତ ପୁରୁଣା ଫାଣ୍ଡି ପଡିଆରେ ରାଜ୍ୟ ସ୍ତରୀୟ ବେଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି। ଚଳିତ ବର୍ଷ ଏଠାରେ ଛବିଶ ତମ ଧାମରା ଚାନ୍ଦବାଲି ବେଇତ ବନ୍ଦାଣ ଉତ୍ସବ ପାଳିତ ହେଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, , ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ଅଭିନେତା ପିୟୁସ ତ୍ରିପାଠୀ ପ୍ରମୁଖ ଅତିଥି ଥିଲେ। ଏଥିରେ ନବାଣିଜ୍ୟର କଥା, ଗାଥା ବିଷୟରେ କୁହାଯାଇଛି। ଏହି ଉତ୍ସବ ଉତ୍କଳୀୟ ନବାଣିଜ୍ୟକୁ ବଞ୍ଚାଇ ରଖିଛି। ଏଥିପାଇଁ ଓଡିଶାର ସ୍ଥାନ ସାରା ଭାରତରେ ଏକ ସତନ୍ତ ରହିଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କମିଟିର ସମ୍ପାଦକ ରଞ୍ଜନ କୁମାର ସାହୁ ସମ୍ପଦକୀୟ ବିବରଣୀ ପାଠ କରିଥିଲେ।

ଅବକାରୀ ବିଭାଗର ଚଢ଼ାଉ ୪ କୋର୍ଟ ଚାଲାଣ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଦେଶୀ ସହ ମହୁଲ ପୋଚ ଜବତ କରାଯାଇଥିବା ବେଳେ ପୃଥକ ପୃଥକ ମାମଲା ମୂଳେ ୪ କୋର୍ଟ ଚାଲାଣ । ପ୍ରାପ୍ତ ସୂଚନା ମୁତାବକ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ସଦଳବଳେ ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଏବଂ ଅଜାଡିହ ଗ୍ରାମରେ ଚଢାଉ କରିଥିଲେ । ଦେଶୀ ମଦ ବିକ୍ରି କରୁଥିବା ବେଳେ କେନ୍ଦୁଆ ଗ୍ରାମର ଶମ୍ଭୁ ସିଂ(୨୮) , ଗଣେଶ ସିଂ (୩୯) ଏବଂ ଅଜାଡିହ ଗ୍ରାମର ମୋଣ୍ଡା ସୋରେନଙ୍କୁ ଗିରଫ କରିବା ସହ ସେମାନଙ୍କ ଘରୁ ଦେଶୀ ମଦ ଜବତ କରିଥିଲେ । ସେହିପରି ବେତନଟୀ ଥାନା ଅଧୀନ ସାରିଆ ଗ୍ରାମରେ ଚଢ଼ାଉ କରି ରଜନୀ ପାତ୍ର(୬୨)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ମଦ ମଧ୍ୟ ଜବତ କରିଥିଲେ । ଫେରିବା ବାଟରେ ସାରିଆ ଜଙ୍ଗଲ ମଧ୍ୟରେ ଦେଶୀ ମଦ ରନ୍ଧାଯାଉଥିବାର ଖବର ପାଇ ସଦଳବଳେ ଚଢ଼ାଉ କରିଥିବା ବେଳେ ସେଠାରୁ ବିପୁଳ ପରିମାଣର ମହୁଲପୋଚ ଏବଂ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ଥିବା ଦେଶୀ ମଦ ଜବତ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢାଉ ସମୟରେ ମୋଟ ୧୩୯ ଲି ଦେଶୀ ମଦ ଜବତ କରାଯାଇଥିବା ବେଳେ ୮୦୦ କେଜି ମହୁଲପୋଚ ମଧ୍ୟ ଜବତ କରାଯାଇଥିଲା । ଏଥି ନିମନ୍ତେ ବେତନଟୀ ଅବକାରୀ ଥାନାରେ ପୃଥକ ପୃଥକ ମାମଲା ମୂଳେ ୫ ଜଣ ଗିରଫ ହୋଇଥିବା ବେଳେ ଜଣେ ମହିଳାଙ୍କୁ ନୋଟିସ ଦିଆଯାଇଥିବା ବେଳେ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

ଦାମ୍ପତ୍ୟ କଳହ : ଜୀବନ ହାରିଲେ ସ୍ତ୍ରୀ

ଢେଙ୍କିକୋଟ ,(ସବ୍ୟୁ): ଘଟଗାଁ ଥାନା ନଳବିଲା ପଞ୍ଚାୟତ ଅନ୍ତର୍ଗତ କୁଣ୍ଡାପିଠା ଗ୍ରାମରେ ଘଟି ଯାଇଛି ଏକ ଅଭାବନୀୟ ଘଟଣା । ସ୍ୱାମୀ ସ୍ତ୍ରୀ କଳହ ଲାଗିବା ପରେ ସ୍ତ୍ରୀ ବିଷପିଇ ଆତ୍ମହତ୍ୟା କରିବା ପରି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । କୁଣ୍ଡାପିଠା ଗ୍ରାମର ବାଉରୀ ମୁଣ୍ଡାଙ୍କ ସ୍ତ୍ରୀ ମେଞ୍ଜା ମୁଣ୍ଡା (୨୮) ଜଣେ ଟିବି ରୋଗୀ । ସେ ତିନୋଟି ପିଲାର ମା ମଧ୍ୟ । ତେଣୁ ଅନେକ ସମୟ ଶାରୀରିକ ଓ ମାନସିକ ସମସ୍ୟା ଭିତରେ ରହୁଥିଲା । ତେଣୁ ମଝିରେ ମଝିରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ହେଉଥିଲା । ବୁଧବାର ଦିନ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା । ତେଣୁ ତା ସ୍ତ୍ରୀ ମେଞ୍ଜା ମୁଣ୍ଡା ରାଗରେ ବିଷପିଇ ଦେଇଥଲେ । ତାଙ୍କୁ ପ୍ରଥମେ ଘଟଗାଁ ଓ ପରେ ପରେ ଗୁରୁତର ହେବାରୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ସେଠାରେ

(ଶ୍ରୀମଦ୍ଭଗବଦ୍ ଗୀତା ୧/୪)

ଅର୍ଜୁନ–ବିଷାଦଯୋଗଃ

ସଞ୍ଜୟ ଉବାଚ

ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।
ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ॥ ୪ ॥

ଅତ୍ର (ପାଣ୍ଡବସେନାୟାଂ) ଯୁଧି ଭୀମାର୍ଜୁନସମାଃ ମହେଷ୍ୱାସାଃ (ମହାଧନୁର୍ଦ୍ଧରାଃ) ଶୂରାଃ (ବୀରାଃ) (ବର୍ତ୍ତନ୍ତେ), (କେତେ) ଯୁଯୁଧାନଃ (ସାତ୍ୟକିଃ), ବିରାଟଶ୍ଚ, ମହାରଥଃ ଦ୍ରୁପଦଶ୍ଚ ॥ ୪ ॥

ନୌବାଣିଜ୍ୟ କ୍ଷେତ୍ରରେ ସମୃଦ୍ଧି ଆବଶ୍ୟକ

ଅତୀତର ଓଡ଼ିଶା ଥିଲା କଳିଙ୍ଗ ବା ଉତ୍କଳ । ମୁସଲମାନ, ମୋଗଲ, ଆଫଗାନ, ମରହଟ୍ଟା ବା ଇଂରେଜମାନଙ୍କ ଦ୍ୱାରା ଅତୀତରେ ଶାସିତ ଓଡ଼ିଶାର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ସମ୍ଭବତଃ ବୀର ଜାତି ଭାବେ ପରିଚିତ ଓଡ଼ିଆମାନଙ୍କୁ ଯେପରି ଭାବେ ଲାଞ୍ଛିତ ଓ ଶୋଷିତ କରା ଯାଇଥିଲା, ତାହାର ପଟ୍ଟାନ୍ତର ନାହିଁ । ମାତ୍ର ଓଡ଼ିଆମାନେ ସେମାନଙ୍କର ଅସ୍ମିତାକୁ ଜଳାଞ୍ଜଳି ଦେଇ ନଥିଲେ । ନୌବାଣିଜ୍ୟ ଜରିଆରେ କୌଣସି ମତେ ଓଡ଼ିଆ ସାଧବମାନେ ନିଜ ଗୋଡ଼ରେ ଠିଆ ହୋଇ ସ୍ୱାବଲମ୍ବନଶୀଳ ହେବାକୁ ଉଦ୍ୟମ ଜାରି ରଖିଥିଲେ । ସୁଖର କଥା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ବିଶାଳ ସାମୁଦ୍ରିକ ସଂପଦର ସଦୁପୋଯୋଗ ପାଇଁ ଦୃଷ୍ଟି ନିକ୍ଷେପ କରିଛନ୍ତି । ନିକଟରେ ମୁମ୍ବାଇଠାରେ ସାମୁଦ୍ରିକ ସପ୍ତାହ ୨୦୨୫ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେଠାକୁ ଯାଇ ଉଦ୍‌ବୋଧନ ଦେଇଥିଲେ । ଏହି ଉତ୍ସବକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଉଦ୍‌ଯାପନ କରିଥିଲେ । ଓଡ଼ିଶାର ସାମୁଦ୍ରିକ ବିଭବର ସଦୁପୋଯୋଗ କରାଯାଇ ପାରିଲେ, ଓଡ଼ିଶାର ବିକାଶ ଯେ ତ୍ୱରାନ୍ୱିତ ହୋଇ ପାରିବ, ଏଥିରେ ସନ୍ଦେହ ନାହିଁ ।

ଇଂରେଜମାନେ ଓଡ଼ିଶାର ସୁବିସ୍ତୃତ ସମୁଦ୍ରକୂଳକୁ ସିନା 'ବଙ୍ଗୋପସାଗର' ବୋଲି ନାମ ଦେଇଦେଲେ କିନ୍ତୁ ଅତୀତରେ ତାହା ଥିଲା 'କଳିଙ୍ଗ ସାଗର' ବା 'କଳିଙ୍ଗ ଉଦଧି' । ଓଡ଼ିଶାର ପଣ୍ଡିତ ନୃସିଂହ ରାୟଗୁରୁଙ୍କ ରଚିତ 'ଅର୍ଣ୍ଣବ ବିଭାର' ଗ୍ରନ୍ଥରେ ଏବଂ କହ୍ନେଇ ଚମ୍ପୁଙ୍କିଙ୍କଦ୍ୱାରା ଲିଖିତ 'ପାଇକ ଖେଦ' ପୋଥିରେ ଉତ୍କଳର ଜଳଯାତ୍ରା ବିଷୟରେ ବର୍ଣ୍ଣନା ରହିଛି । ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗୀୟ ପଠାଣି ପଟ୍ଟନାୟକ ଠାଏ ଉଲ୍ଲେଖ କରିଛନ୍ତି–'ପାଇକ ଖେଦାରେ ଜାହାଜଗୁଡ଼ିକର ବିଭାଗୀକରଣ ଏହିପରି– ଛୋଟମୁଖୀ, ସୁର ଚାତୁରୀ, ରାଜପୁର, ଲାଞ୍ଜୁଆ, ଖାଇଜଗା, ଗଙ୍ଗପ୍ରସାଦ, ନନ୍ଦିଆ, ଖଡୁପ, ଗାଣ୍ଡିଆ । 'ବ୍ରହ୍ମପୁରାଣ'ରେ 'ଚିଲିକା ହ୍ରଦ' ଏକ ପ୍ରଖ୍ୟାତ ନୌବିହାର କେନ୍ଦ୍ର ଥିଲା ବୋଲି ଉଲ୍ଲେଖ ରହିଛି । ଇଂରେଜମାନଙ୍କ ଆଗମନ କାଳ ପର୍ଯ୍ୟନ୍ତ 'ବାଲେଶ୍ୱର ବନ୍ଦର'ରେ ଜାହାଜ ନିର୍ମାଣ କରାଯାଉଥିଲା । ଏହାର ସବିଶେଷ ବର୍ଣ୍ଣନା ଫକୀରମୋହନଙ୍କ 'କମଳାପ୍ରସାଦ ଗୋରାପ' ଓ 'ଫଗା ଲୁଣ' ଗଳ୍ପ ଦୁଇଟି ପାଠ କଲେ ଅନୁଭୂତ ହୋଇଥାଏ ।(ପ୍ରାଚୀନ ଉତ୍କଳର ନୌବାଣିଜ୍ୟ–ଏକ ସିଂହାବଲୋକନ, ବାଲିଯାତ୍ରା କଟକ ଉତ୍ସବ ୨୦୦୩ ସ୍ମରଣିକା)

ଓଡ଼ିଶାର ବଣିକମାନେ ବିଦେଶକୁ ନୌଯାତ୍ରାରେ ଯାଉଥିଲେ ଏବଂ ଭଲରେ ସେମାନେ ଫେରିବା ପାଇଁ ନୌବାଣିଜ୍ୟର ଦେବୀ ତାରା, ମଙ୍ଗଳା ଓ ବାସେଳୀଙ୍କୁ ଗ୍ରାମବାସୀମାନେ ପୂଜା କରି ଆସୁଥିଲେ । ଆମର ବଣିକମାନେ ବୋଇତ (ନୌକା) ମାନଙ୍କରେ ଓଡ଼ିଶାକୁ ଫେରିବା ବେଳେ ବୋଇତି କଖାରୁ, ବିଲାତି ଆଳୁ, ଲଙ୍କା ଆଳୁ ବା ଲଙ୍କା ମରିଚ ପ୍ରଭୃତି କୁଆଡ଼େ ଆଣୁଥିଲେ । ବିଦେଶରୁ ଅଣା ଯାଇଥିବା ଏହି ପନିପରିବା ସବୁ ଶ୍ରୀମନ୍ଦିରର ବ୍ୟଞ୍ଜନରେ ସେଥିପାଇଁ ବ୍ୟବହାର କରାଯାଇ ନଥାଏ ।

କଟକର ଇତିହାସ ପ୍ରସିଦ୍ଧ 'ବାଲିଯାତ୍ରା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଶ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବ ବୋଲି ଘୋଷଣା କରିଛନ୍ତି । ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇ ହଜାର ଟଙ୍କାର ଅନୁଦାନ ମିଳୁଥିଲା । 'ବାଲିଯାତ୍ରା' ପରି ମହାନଦୀ ତଟରେ ହେଉଥିବା ଏକ ବିରାଟ ମେଳା କେବଳ ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏଥିରେ ଜନସମାଗମକୁ ଦୃଷ୍ଟିରେ ରଖିଲେ, ଏହା ଏକ ଜାତୀୟ ଉତ୍ସବ ବୋଲି ମନେ ହୁଏ । ବାଲି ଦ୍ୱୀପଠାରେ ଅନୁଷ୍ଠିତ ଏକ ସମ୍ମେଳନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେବା ଅବସରରେ କଟକର 'ବାଲିଯାତ୍ରା' ଉତ୍ସବକୁ ସ୍ମରଣ କରାଇଥିଲେ । ଓଡ଼ିଶାର ବଣିକମାନେ ବ୍ୟବସାୟ ଓ ବାଣିଜ୍ୟ କରିବା ସକାଶେ ଅତୀତରେ ବାଲି, ସୁମାତ୍ରା, ଜାଭା, ବୋର୍ଣ୍ଣିଓ, ଶାମ, ଶ୍ରୀଲଙ୍କା ଓ ଚୀନ ପ୍ରଭୃତି ଅଞ୍ଚଳକୁ ଜଳଯାତ୍ରା କରୁଥିଲେ । ବାଲି ଅଞ୍ଚଳକୁ ଯାତ୍ରା କରୁଥିବା ଯୋଗୁଁ ଅତୀତର ସ୍ମୃତିକୁ ସ୍ମରଣ କରିବା ପାଇଁ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ, ଡଙ୍ଗାଭସା ତଥା 'ବାଲିଯାତ୍ରା' ଉତ୍ସବ ପାଳନ କରା ଯାଉଥିବା ପ୍ରକୃତରେ ଖୁବ୍ ପ୍ରେରଣାପ୍ରଦ ଓ ଆନନ୍ଦଦାୟକ ।

ଅନ୍ୟ ଏକ ଘଟଣାପ୍ରତି ଏଠାରେ ଦୃଷ୍ଟି ଆକର୍ଷଣ କରାଯାଇ ପାରେ । ଜନ କଂଗ୍ରେସ– ସ୍ୱତନ୍ତ୍ର ମିଳିତ ସରକାରରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ଥିଲେ ଓ ନିତ୍ୟାନନ୍ଦ ମହାପାତ୍ର ଜଣେ କ୍ୟାବିନେଟ ମନ୍ତ୍ରୀ ଥିଲେ । ଓଡ଼ିଶାର ସମୁଦ୍ର ଓ ନଦୀକୂଳ ବନ୍ଦରର ଉନ୍ନୟନ ପାଇଁ ସେ ତତ୍କାଳୀନ ବାଣିଜ୍ୟ ବିଭାଗର ସଚିବ ଆର୍.ଏନ୍. ଦାସଙ୍କୁ ଡକାଇ (ପରେ ମୁଖ୍ୟ ଶାସନ ସଚିବ ହୋଇଥିଲେ) ଓଡ଼ିଶାରୁ ପ୍ରତିବର୍ଷ ଜଣେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିବା ଛାତ୍ରଙ୍କୁ ବମ୍ବେ ଆଇ. ଆଇ.ଟିଙ୍କୁ ପଠାଇ ବନ୍ଦର ଉପରେ ସ୍ନାତକୋତ୍ତର ଏମ୍.ଟେକ୍ ଡିଗ୍ରୀ ଅଧ୍ୟୟନ କରିବାର ବ୍ୟବସ୍ଥା କରିଥିଲେ । ତଦନୁଯାୟୀ ପ୍ରଥମ ଥର ଧାମରା ବନ୍ଦର ଉପରେ ସ୍ନାତକୋତ୍ତର ଶିକ୍ଷା ଲାଭ ପାଇଁ ଇଞ୍ଜିନିୟର ବଳରାମ ମହାପାତ୍ର ଯାଇ ଡିଗ୍ରୀ ହାସଲ କରିଥିଲେ । 'ଧାମରା' ବନ୍ଦର ଉପରେ ତାଙ୍କର ଗବେଷଣା ଓ ଅନୁଧାନକୁ ଭିତ୍ତି କରି ଏବେ ଆଦାନୀ ଗ୍ରୁପ ଧାମରା ବନ୍ଦରର ନିର୍ମାଣ କରୁଛନ୍ତି ବୋଲି ଜାଣିବାକୁ ମିଳିଛି । କିନ୍ତୁ ଇଂ ମହାପାତ୍ର ସେ କ୍ଷେତ୍ରରେ ବିଶେଷ ଜ୍ଞାନ ଅର୍ଜନ କରି ଏବେ ଅଶୀତିପର ବୟସରେ କଟକରେ ରହୁଥିବା ଜଣାଯାଇଛି ।

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ–ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ରାଷ୍ଟ୍ରୀୟ ଗୀତର ୧୫୦ବର୍ଷ

ବନ୍ଦେ ମାତରମ୍ : ପ୍ରେରଣାର ଉତ୍ସ

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କ'ଣ ଗୋଟିଏ ଗୀତର ଏତେ ଶକ୍ତି ଅଛି ? ଜଣେ ସଂଗ୍ରାମୀ ଏହି ଗୀତକୁ ଖୁସିରେ ଗାଇ ଗାଇ ମୃତ୍ୟୁ ଦଣ୍ଡ ଭୋଗିବା ପାଇଁ ଫାଶି ଖୁଣ୍ଟରେ ଝୁଲି ପଡ଼ିବ ? କ'ଣ ଗୋଟିଏ ଗୀତର ଏତିକି ତାକତ ଅଛି ଯାହାର ଶବ୍ଦର ପ୍ରେରଣା ନିଜ ଜୀବନକୁ ତିଳ ତିଳ ଦଗ୍ଧ କରି ନିଜ ଦେଶ ମାତୃକାର ଚରଣ କମଳରେ ସମର୍ପି ଦେବ ? ସ୍କୁଲ କଲେଜରେ ପଢୁଥିବା ବେଳେ ଖୁଦିରାମ ବୋଷଙ୍କ ବଳିଦାନ କାହାଣୀ ମୋତେ ବେଶ ଆକର୍ଷିତ କରୁଥିଲା । ଖୁଦିରାମ ବୋଷ ବନ୍ଦେ ମାତରମ୍ ଗାଇ ଗାଇ ନିଜ ଜୀବନକୁ ମା ଭାରତୀର ପାଦ ପଦ୍ମରେ ସମର୍ପି ଦେବାର କଥା ଇତିହାସ କହେ। ହୁଏତ ଆମ ଦେଶର ମହାନ ସାଧୀନତା ସଂଗ୍ରାମର ଶ୍ରେୟ କେବଳ କେତୋଟି ପରିବାରରେ ସୀମିତ କରିବା ପାଇଁ ଅପଚେଷ୍ଟା କରାଯାଇଥାଇ ପାରେ । ମାତ୍ର ଆମର ସ୍ୱାଧୀନତା ସଂଗ୍ରାମ ଥିଲା ବିରାଟ ଜନ ଆନ୍ଦୋଳନ । କେତୋଟି ପରିବାର ନୁହେଁ ଆମ ଦେଶର ଲକ୍ଷ ଲକ୍ଷ ଯୁବପୀଢ଼ିଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନର ଭିତ୍ତିଭୂମି ଉପରେ ଠିଆ ହୋଇଛି ଆମର କଷ୍ଟଲବ୍ଧ ସ୍ୱାଧୀନତା ।

ମୋର ମନେ ଅଛି ୩ ଅକ୍ଟୋବର ୨୦୧୪, ଏହି ଦିନ ଥିଲା ପବିତ୍ର ବିଜୟା ଦଶମୀ । ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଆରମ୍ଭ କଲେ ତାଙ୍କର ରେଡ଼ିଓ ଭିତ୍ତିକ ଜନ ସମ୍ବାଦର କାର୍ଯ୍ୟକ୍ରମ 'ମନ କୀ ବାତ' । ପ୍ରଥମ ଅଧ୍ୟାୟକୁ ସଦ୍ୟତମ ୧୨୭ତମ ଅଧ୍ୟାୟ ଅକ୍ଟୋବର ୨୬ ତାରିଖ ପର୍ଯ୍ୟନ୍ତ ଏମିତି କୌଣସି 'ମନ କୀ ବାତ୍'ନାହିଁ ଯାହାକୁ ମୁଁ ମନଧ୍ୟାନ ଦେଇ ଶୁଣି ନାହିଁ । ମୋଦୀଜୀ ତାଙ୍କ 'ମନ କୀ ବାତ୍'ରେ ଉଠାଉଥିବା ଅନେକ ପ୍ରସଙ୍ଗ ମୋ ଭଳି ଦେଶର କୋଟି କୋଟି ସାଧାରଣ ଜନତାଙ୍କୁ ବେଶ ପ୍ରଭାବିତ କରିଛି । ମାତ୍ର ତାଙ୍କର ସଦ୍ୟତମ 'ମନ କୀ ବାତ୍'ରେ ଆମର ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତୀ ନଭେମ୍ବର ୭ ତାରିଖ ଦିନ ପାଳନ କରାଯିବ ବୋଲି କହିଥିଲେ । ଏହା ସହ 'ବନ୍ଦେ ମାତରମ୍'ର ବିଶେଷତା, ଭାରତୀୟ ସଭ୍ୟତା, ସଂସ୍କୃତି ଏବଂ ଦେଶ ପାଇଁ ନିଜକୁ ସମର୍ପି ଦେବାର ପ୍ରେରଣା ପ୍ରସଙ୍ଗରେ କହିଥିଲେ। ଏହି ସମୟରେ ମୋ ମନ ଭିତରେ ପିଲାଦିନୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ କାମରୁ ଶିଶୁ ମନ୍ଦିରରେ ଗୁରୁଜୀରୁ ରାଜନୀତିର ସାର୍ବଜନୀନ ଜୀବନରେ, ବ୍ୟକ୍ତି–ସମାଜ ଓ ରାଷ୍ଟ୍ର ପାଇଁ କାର୍ଯ୍ୟକର୍ତ୍ତାମାନଙ୍କ ମନରେ ଭାବନା ଜାଗରଣ କରିବା ପାଇଁ ଆମେ କରୁଥିବା ଉଦ୍ୟମ ସବୁ ମୋ ମନରେ ନାଚି ଉଠୁଥିଲା।

ମୋଦୀଜୀଙ୍କ ସଦ୍ୟତମ ମନ କୀ ବାତର କିଛି ଦିନ ପରେ ଆମ ଦେଶର ମହିଳା କ୍ରିକେଟ ଦଳ ପ୍ରଥମ ଥର ପାଇଁ ବିଶ୍ୱ କପ ଜିତି ରେକର୍ଡ କଲା । ଦିନ ଥିଲା ୨ ନଭେମ୍ବର୨୦୨୫, ଡିୱାଇ ପାଟିଲ ଷ୍ଟାଡିୟମ । ଠିକ୍ ମଧ୍ୟ ରାତିରେ ଆମ ଝିଅମାନେ ମ୍ୟାଚ୍ ଜିତି ଆମ ଛାତିକୁ ଗୁଣ୍ଠେମୋଟ କରିଥିଲେ। ଏହି ସମୟରେ ସାରା ଷ୍ଟାଡିୟମରେ ସମବେତ ହଜାର ହଜାର ଜନତା ଏକ ସ୍ୱରରେ ବନ୍ଦେ ମାତରମ୍ ସାଂଘିକ ଭାବରେ ଗାନ କରୁଥିଲେ । ମୋ ଭଳି ଆପଣମାନେ ବି ସେ ମୁହୂର୍ତ୍ତର ଗୌରବ ମନେ ମନେ ଅନୁଭବ କରିଥିବେ। ମୋର ମନେ ଅଛି ୨୦୧୧ ମସିହାରେ ଓ୍ୱାଙ୍ଖଡ଼େ ଷ୍ଟାଡିୟମରେ ଭାରତ ଶ୍ରୀଲଙ୍କାକୁ ହରାଇ ବିଶ୍ୱ କପ୍ କ୍ରିକେଟ୍ ଜିତିଥିଲା। କ୍ରିକେଟ୍ ପ୍ରେମୀ ଭାବରେ ଉତ୍ସୁକ୍ତାର ସହ ଏହି ଖେଳକୁ ଉପଭୋଗ କରୁଥିଲି। ପୁରା ଷ୍ଟାଡିୟମର ହଜାର ହାଜର ଦର୍ଶକଙ୍କ ବନ୍ଦେ ମାତରମ୍ ସାଂଘିକ ସ୍ୱରରେ କମ୍ପି ଉଠୁଥିଲା । ଅନୁଭବ ହେବା ସ୍ୱାଭାବିକ ଏ ଗୀତ ଗୀତ ନୁହେଁ, ଏହା ଭାରତର ହୃଦୟର ସ୍ପନ୍ଦନ । ଆପଣମାନେ ୟୁଟ୍ୟୁବକୁ ଯାଆନ୍ତୁ ସଦ୍ୟ ମହିଳା ଦଳର ବିଜୟ ଓ ଭାରତର ବିଶ୍ୱ କପ୍ ବିଜୟର ଅବ୍ୟବହିତ ପୂର୍ବରୁ ବନ୍ଦେ ମାତରମ୍ ହଜାର ହଜାର ଭାରତୀୟଙ୍କ ସାଂଘିକ ଗାନକୁ ପୁଣି ଥରେ ଶୁଣନ୍ତୁ । ଦେଖନ୍ତୁ ଭାରତୀୟ ଭାବରେ ଆପଣମାନଙ୍କ ମନରେ କିପରି ଭାବନା ସୃଷ୍ଟି ହେଉଛି ।

ମୋଦୀଜୀଙ୍କ ୨୬ ଅକ୍ଟୋବର 'ମନ୍ କୀ ବାତ୍'ରେ 'ବନ୍ଦେ ମାତରମ୍'ର ଅବରତାରଣା ଓ ପରେ ୨ ନଭେମ୍ବରରେ ଆମ ମହିଳା କ୍ରିକେଟ୍ ଟିମରେ ମଧ୍ୟ ରାତ୍ରିରେ ବିଜୟ ଅବସରରେ ହଜାର ହଜାର ଦର୍ଶକଙ୍କ ମିଳିତ ବନ୍ଦେ ମାତରମ୍ ଗାନ ମୋତେ ବନ୍ଦେ ମାତରମର ମହନୀୟତାକୁ ନେଇ ମୋର ଭାବନାକୁ ବ୍ୟକ୍ତ କରିବାକୁ ପ୍ରେରଣା ଯୋଗାଇଲା ।

ମୋଦୀଜୀ ତାଙ୍କ ମନ କୀ ବାତରେ କହିଥିଲେ ବନ୍ଦେ ମାତରମ୍ ଆମ ଦେଶ ଭକ୍ତି ଓ ରାଷ୍ଟ୍ରୀୟ ଗୌରବର ଚିରନ୍ତନ ପ୍ରତୀକ । ଦେଶ ପାଇଁ କଠିନ ସମୟରେ ବନ୍ଦେ ମାତରମରେ ଉଦଘୋଷ ୧୪୦ କୋଟି ଭାରତୀୟଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ । ହୁଏତ ମହାନ ଦେଶ ଭକ୍ତ ସାରସ୍ୱତ ସାଧକ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଉନ୍ନବିଂଶ ଶତାବ୍ଦୀରେ ବନ୍ଦେ ମାତରମର ରଚନା କରିଯାଇଛନ୍ତି । ମାତ୍ର ଏହି ଗୀତ ହଜାର ହଜାର ବର୍ଷର ଆମର ସଭ୍ୟତା, ସଂସ୍କୃତି ଓ ପରମ୍ପରାର ପ୍ରତିନିଧିତ୍ୱ କରେ । ବେଦରେ ଲିଖିତ 'ମାତା ଭୂମିୟାଃ ପୁତ୍ରୋହମ୍ ପୃଥ୍ୟାଃ' ଅର୍ଥାତ୍, ଏହି ଭୂମି ଆମର ମାତା ଏବଂ ଆମେ ସମସ୍ତେ ତାଙ୍କର ସନ୍ତାନ । ଏହା ଭାରତର ମୂଳ ବିଚାର ଏବଂ ଏହି ବିଚାର ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ ତାଙ୍କର ବନ୍ଦେ ମାତରମ୍ ସଙ୍ଗୀତରେ ପ୍ରତିଫଳନ ବୋଲି ମୋଦୀ ବ୍ୟାଖ୍ୟା କରିଥିଲେ । ତଥ୍ୟ କହୁଛି, ନଭେମ୍ବର ୭ ତାରିଖ ୧୮୭୫ ମସିହା, ଏହା ଥିଲା ଦୁର୍ଗାପୂଜାର ମହାସପ୍ତମୀ ତିଥି । ଏହି ଦିନ ଏହି ମହାନ ସଙ୍ଗୀତର ରଚନା କରିଥିଲେ ବଙ୍କିମ ଚନ୍ଦ୍ର। ୧୯୦୫ରେ ବ୍ରିଟିଶ୍ ଡିଭାଇଡ୍ ଆଣ୍ଡ ରୁଲ ନୀତିରେ ବଙ୍ଗ ଭାଷାଭାଷି ଅଞ୍ଚଳକୁ ବିଭାଜିତ କଲେ । ବଙ୍ଗ ଭଙ୍ଗ ବିରୋଧରେ ଆରମ୍ଭ ହୋଇଥିବା ବ୍ରିଟିଶ ବିରୋଧି ଜନ ଆନ୍ଦୋଳନର ସୂତ୍ରଧର ସାଜିଥିବା ବଙ୍କିମ ଚନ୍ଦ୍ରଙ୍କର ବନ୍ଦେ ମାତରମ୍ ସଙ୍ଗୀତ । ଏହି ଆନ୍ଦୋଳନ ଜାତି, ବର୍ଣ୍ଣ, ଧର୍ମ, ଭାଷା, ଅଞ୍ଚଳ ଭିତ୍ତିରୁ ଉପରକୁ ଉଠି ସମସ୍ତଙ୍କୁ ଏକ କରିବାରେ ଉତପ୍ରେରକର ଭୂମିକା ନେଲା, ଇତିହାସ ଏହାର ସାକ୍ଷୀ ।

ଆଜି ଯେତେବେଳେ ଆମେ ଏହି ସଙ୍ଗୀତର୧୫୦ ବର୍ଷ ପୂର୍ତ୍ତୀ ପାଳନ କରିବାକୁ ଯାଉଛେ, ନୂଆ ଭାରତର ନୂଆ ପୀଢ଼ି ପାଖରେ ଏହି ସଙ୍ଗୀତର ମହାନୀୟତାକୁ ପହଁଚାଇବା ଏକ ରାଷ୍ଟ୍ରୀୟ ଦାୟିତ୍ୱ । ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କୀ ବାତରେ କରିଥିବା ବ୍ୟାଖ୍ୟାକୁ ନେଇ ସାରା ଦେଶ ତଥା ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ବନ୍ଦେ ମାତରମର ମହିମା ମଣ୍ଡନର ଆବଶ୍ୟକତା ଅଛି । ଆମ ରାଜ୍ୟବାସୀ ବିଶେଷ ଭାବରେ ଯୁବପୀଢ଼ି ଏଥିରେସାମିଲ ହେବା ପାଇଁ ମୁଁ ଆହ୍ୱାନ ଜଣାଉଛି।

ବଙ୍କିମଚନ୍ଦ୍ରଙ୍କ ରଚିତ ବନ୍ଦେ ମାତରମ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର ୧୮୯୬ ମସିହାରେ ପ୍ରଥମଥର ପାଇଁ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଗାନ କରିଥିଲେ । ଏହା ପରଠାରୁ ଦେଶର ରାଷ୍ଟ୍ରବାଦୀ ଆନ୍ଦୋଳନର ଯୁଦ୍ଧଂଦେହୀର ସ୍ୱର ହୋଇଥିଲା ବନ୍ଦେ ମାତରମ୍ । ୧୯୦୫ ମସିହାରେ ବଙ୍ଗ ଭଙ୍ଗ ବିରୋଧରେ

ସାରା ସମାଜକୁ ଏକ କରିବାର ମନ୍ତ୍ର ଏହି ସଙ୍ଗୀତ ଏହାର ପ୍ରଭାବର ପରାକାଷ୍ଠା ଦେଖାଇଥିଲା । ବନ୍ଦେ ମାତରମର ଗ୍ରହଣୀୟତାର ବିବାଦ ଭିତରକୁ ଯିବା ମୋର ବିଷୟବସ୍ତୁ ନୁହେଁ । ମାତ୍ର ବନ୍ଦେ ମାତରମକୁ ନେଇ ବିବାଦ ଅଯଥା ଏବଂ ଧର୍ମୀୟ ଭାବନା ଆହତ ହେବାର ଯୁକ୍ତିକୁ ନେଇ ଦୀର୍ଘ ଦିନ ବିବାଦର ଅନ୍ତ ହେବା ମଧ୍ୟ ଜରୁରୀ । ଆମେ ଭାରତୀୟ ସମାଜ ଗଙ୍ଗା, ଗୀତା ଓ ଗୋମାତାର ପୂଜାରୀ। ଆମ ସଭ୍ୟତା ସଂସ୍କୃତି ଅନାଦି ଅନ୍ତକାଳରୁ ରହିଆସିଛି ଏବଂ ଦୃଢ଼ ନିଶ୍ଚିତତାର ସହ କହି ପାରିବା ଯେ ଏହା ଅନାଦି ଅନନ୍ତ କାଳ ପର୍ଯ୍ୟନ୍ତ ଚିରନ୍ତନ ହେବ । ମୋର, ମହାନ କବି ଇକବାଲଙ୍କର ଗୋଟିଏ ପଂକ୍ତି ମନେ ପଡୁଛି ସେ ଲେଖିଥିଲେ...

ୟୁନାନ୍–ଓ–ମିଶର୍–ଓ–ରୋମ୍ ସବ୍ ମିଟ୍ ଗୟେ ଜହାଁସେ। ଅବ ତକ ମଗର ହୈ ବାକୀ, ନାମ୍–ଓ–ନିଶାଁ ହମାରା । କୁଛ୍ ବାତ ହେ କି ହସ୍ତି, ମିଟତୀ ନେହିଁ ହମାରୀ । ସଦୀୟୋ ରାହାହେଁ ଦୁଶମନ, ଦୌର– ଏ– ଜମାଁ ହମାରା।

ଦୁନିଆର ଅନେକ ସଭ୍ୟତା ଧ୍ୱଂସ ପାଇଯାଇଛି । ଧ୍ୱଂସ ପଛରେ ମୂଳ ବିଷୟ କାଳ କ୍ରମେ ସେଠାକାର ପୁତ୍ରରୂପି ସମାଜ ସେମାନଙ୍କର ସଭ୍ୟତା ଓ ସଂସ୍କୃତି ଠାରୁ ଦୂରେଇ ଯିବା । ଆଜି ମିଶର ସଭ୍ୟତା ନାହିଁ । ମିଶର ଇଜିପ୍ଟ ହୋଇଯାଇଛି । ସେଠାକାର ସ୍ଫିଙ୍କସ୍ ଓ ପିରାମିଡ୍ ଶ୍ରଦ୍ଧା, ସମ୍ମାନ ଓ ପ୍ରେରଣାର କେନ୍ଦ୍ର ନୁହେଁ ସଂଗ୍ରାହଳୟ ବସ୍ତୁ ପାଲଟି ଯାଇଛନ୍ତି । ଅପର ପକ୍ଷରେ ଆମ ଭାରତୀୟ ସଭ୍ୟତା ବଞ୍ଚିଛି କାରଣ ଆମ ପାଇଁ ଆମ ମାତୃଭୂମି ଜୀବନ୍ତ ରାଷ୍ଟ୍ର ପୁରୁଷ । ସଂସ୍କୃତିର ପ୍ରବାହମାନ ଧାରା ପ୍ରତିରୋଧର ସାମନା କରି ଆଗକୁ ବଢ଼ିଛି । କେବେ ହୁଏତ ଗତି ଶିଥିଳ ହୋଇଛି ମାତ୍ର ପୁଣି ଏହାର ପୁତ୍ର ରୂପି ସମାଜ ସଂଗଠିତ ହୋଇ ସାମରିକ ଓ ସାଂସ୍କୃତିକ ଆକ୍ରମଣକୁ ପରାଜିତ କରିଛନ୍ତି । ପୁଣି ରାଷ୍ଟ୍ରର ଚିରନ୍ତନ ପ୍ରବାହ ଅବିରତ ଗତିରେ ଆଗକୁ ଆଗକୁ ବଢ଼ି ଚାଲିଛି ।

ଆମର ଶ୍ରଦ୍ଧା କେନ୍ଦ୍ର ଗୀତା, ଗଙ୍ଗା, ଗୋମାତା ତଥା ଦୈବ ଆରାଧନା ପୀଠ ସବୁବେଳେ ପ୍ରେରଣାର କେନ୍ଦ୍ର ହୋଇ ରହିଛନ୍ତି। ଉନ୍ନବିଂଶ ଶତାବ୍ଦୀରେ ହୁଏତ ବଙ୍କିମଚନ୍ଦ୍ର ବନ୍

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ନୂଆପଡା...

କାକଟପୁରରେ ପ୍ରାର୍ଥୀ ଚୋରି କରିଥିଲା ବିଜେଡି । ସେତେବେଳେ ବିଜେଡି ବେଇମାନି କରିନଥିଲା କି? ମନ୍ତ୍ରୀ ପଦ ଦେଖାଇ ପ୍ରାର୍ଥୀ ଚୋରି କରିଥିଲା ବିଜେଡି । ନର୍ଲା ଓ କେସିଙ୍গା କଂଗ୍ରେସ ନେତାଙ୍କୁ ନେଇଯାଇଥିଲା ବିଜେଡି । ବେଇମାନି ଆଉ ପ୍ରାର୍ଥୀ ଚୋରି କରିଥିଲା କିଏ? ଏହାର ସ୍ପଷ୍ଟ ଉତର ବିଜୁ ଜନତା ଦଳ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ପୂର୍ବ ସରକାର ରାଜ୍ୟରେ ୨୪ବର୍ଷ ଶାସନ କଲେ, ସେହି ତୁଳନାରେ ୧୬ ମାସରେ ବିଜେପି ସରକାରଙ୍କ ସଫଳତା ଅଧିକ । ବିଜେପି ସରକାରକୁ ଆସିବା ପରେ ବର୍ତମାନ ଧାନ କ୍ୱିଂଟାଲ ପିଛା ୩୧୬୯ ଟଙ୍କା ଚାଷୀକୁ ମିଳୁଛି । ନୂଆପଡା ଜିଲ୍ଲାରେ ସର୍ବାଧିକ ଧାନ କିଣା ଯାଇଛି । ରାଜ୍ୟରେ ୧୫୩ ପ୍ରତିଶତ ଧାନ କିଣା ହୋଇଛି । ମହିଳାଙ୍କ ପାଇଁ ପୂର୍ବ ସରକାରରେ କିଛି ଯୋଜନା ନଥିଲା । ଆମ ସରକାର ସୁଭଦ୍ରା ଯୋଜନା ଲାଗୁ କରିଛନ୍ତି । ଏହି ଯୋଜନାରେ ରାଜ୍ୟର ୧କୋଟିରୁ ଅଧିକ ହିତାଧିକାରୀ ଉପକୃତ ହେଉଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

ନୂଆପଡାର ସାମଗ୍ରିକ ବିକାଶ ପାଇଁ ଲୋକମାନଙ୍କ କଥା ଜୟ ଢୋଲକିଆ ଶୁଣିବେ, ଜୟ ଢୋଲକିଆଙ୍କ କଥା ମୁଁ ଶୁଣିବି ଏହା ହେଉଛି ମୋର ଆପଣଙ୍କୁ ପ୍ରତିଶୃତି । ସେ ଆପଣଙ୍କ ଜନପ୍ରତିନିଧି ଭାବେ ଆପଣଙ୍କମାନଙ୍କଠାରୁ ଆର୍ଶୀବାଦ ନେବା ପାଇଁ ଆସିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଭୁବନେଶ୍ୱରରୁ ସିଧାସଳଖ ନୂଆପଡାସ୍ଥିତ ଗୋତମା ଏୟାରଷ୍ଟ୍ରିପରେ ଓହ୍ଲାଇ କୋମନା ବ୍ଲକ ଉଦ୍ୟାନବନ୍ଧ ପହଞ୍ଚିବା ପରେ ଡ.ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହା ପରେ ଏକ ବିରାଟ 'ରୋଡ ସୋ' ରେ ଆସି କୋମନାଠାରେ ପହଂଚିଥିଲେ । ରାସ୍ତାର ଉଭୟ ପଟରେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟବାସିନ୍ଦା ଛିଡା ହୋଇ ଭବ୍ୟ ସ୍ୱାଗତ ଜଣାଇଥିଲେ । ବିଶାଳ ବିଜୟ ସଂକଳ୍ପ ସମାବେଶରେ ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆ, ସ୍ୱର୍ଗତ ରାଜୁ ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ମାନନୀୟ ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ସାଂସଦ ମାଳବିକା ଦେବୀ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବରିଷ୍ଠ ନେତା ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାତ୍ର, ଖାମ ସିଂ ମାଝି, ହୋମ ସିଂ ମାଝି, ଯୁବ ନେତା ଅଭିନନ୍ଦନ ପଣ୍ଡାଙ୍କ ସମେତ ଅନେକ ବିଧାୟକ, ରାଜ୍ୟ-ଜିଲ୍ଲା ଏବଂ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

ମତଦାନ...

ଏହାବ୍ୟତୀତ ନୀତିଶକୁମାର ସରକାରର ୧୨ରୁ ଅଧିକ ମନ୍ତ୍ରୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଏଥିରେ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନା ଅଛନ୍ତି । ତେବେ ଆଜିର ମତଦାନବେଳେ ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ଆକ୍ରମଣର ଶିକାର ହୋଇଥିବା ସୂଚନା ମିଳିଛି । ୨୦୨୦ରେ ଆଜି ହୋଇଥିବା ମତଦାନରେ ମହାଗଠବନ୍ଧନ ୬୩ ଆସନ ପାଇଥବାବେଳେ ଏନ୍‌ଡିଏ ୫୫ ଆସନ ପାଇଥିଲା । ଏଥର ଇତିହାସର ପୁନରାବୃତ୍ତି ହେବ କି ବଦଳିବ ତାହା ଉପରେ ଚର୍ଚ୍ଚା ରହିଛି । ରାଜଧାନୀ ପାଟନାରେ ମଧ୍ୟ ଆଜି ଭୋଟ୍ ଗ୍ରହଣ ହୋଇଛି । ଆର୍‌ଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ମହାଗଠବନ୍ଧନ ଯେଉଁଠି ସୁଦୃଢ଼ ରହିଛି ସେଠି ବିଦ୍ୟୁତ୍ ଯୋଗାଣକୁ ଜାଣିଶୁଣି କାଟି ଦିଆଯାଇଥିଲା । ଫଳରେ ଭୋଟ୍ ଗ୍ରହଣ ପ୍ରକ୍ରିୟା ଧୀମା ହୋଇଯାଇଥିଲା । ଦଳ ପକ୍ଷରୁ ତୁରନ୍ତ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ରାଘୋପୁରରେ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ନିର୍ବାଚନ ଲଢୁଛନ୍ତି । ବିଜେପିର ସତୀଶ କୁମାର ନିର୍ବାଚନ ଲଢୁଛନ୍ତି । ୨୦୧୦ରେ ସତୀଶ କୁମାର ରାବିଡି ଦେବୀଙ୍କୁ ପରାସ୍ତ କରିଥିଲେ । ସେହିଭଳି ଲୋକ ସଙ୍ଗୀତ ଗାୟିକା ମିଥାଲୀ ଠାକୁର ଅଲ୍ଲୀ ନଗରରେ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି । ସେଠାରେ ଆର୍‌ଜେଡିର ଯୁବ ପ୍ରାର୍ଥୀ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି । ଏହି ନିର୍ବାଚନ ମଣ୍ଡଳୀରେ ବ୍ରାହ୍ମଣମାନଙ୍କର ଅଧିକ ପ୍ରାଦୁର୍ଭାବ ରହିଛି । ସେହିଭଳି ଭୋଜପୁରୀ ସୁପରଷ୍ଟାର କେଶରୀଲାଲ୍ ଯାଦବ ଆର୍‌ଜେଡି ଟିକେଟରେ ଛପ୍ରା ଓ ରୀତେଶ ପାଣ୍ଡେ ଜନସ୍ୱରାଜ ପାର୍ଟି ପକ୍ଷରୁ କରଘରରେ ନିର୍ବାଚନ ଲଢୁଛନ୍ତି । ସମ୍ରାଟ ଚୌଧୁରୀ ଏକଦଶକ୍ଷୀ ପରେ ତାରାପୁରରୁ ନିର୍ବାଚନକୁ ଓହ୍ଲାଇଛନ୍ତି । ବିହାର ନିର୍ବାଚନରେ ମଧ୍ୟ ବାହୁବଳୀ ରାଜନୀତି ଦେଖିବାକୁ ମିଳୁଛି । ଅଧିକାଂଶ ପ୍ରାର୍ଥୀ ବାହୁବଳୀ ଥିବା ସୂଚନା ମିଳିଛି । ମହମ୍ମଦ ସାହବୁଦ୍ଦିନଙ୍କ ଓ ଓସ୍ମାସାହାବ ନିର୍ବାଚନ ଲଢୁଛନ୍ତି । ଜେଡିୟୁର ଅନନ୍ତ ସିଂହପ ମଧ୍ୟ ମୈଦାନକୁ ଓହ୍ଲାଇଛନ୍ତି । ମହିଳାଙ୍କ ଭୋଟ୍ ହାତେଇବାକୁ ଉଭୟ ଗୋଷ୍ଠୀ ମନଲୋଭା ପ୍ରତିଶୃତି ଦେଇଛନ୍ତି । ଏନ୍‌ଡିଏ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଥିବାବେଳେ ମହାଗଠବନ୍ଧନର ମୁଖ୍ୟ ତେଜସ୍ୱୀ ଯାଦବ ତାଙ୍କ ଦଳ କ୍ଷମତାକୁ ଆସିଲେ ୩୦ ହଜାର ଟଙ୍କା ଦେବେବୋଲି ପ୍ରତିଶୃତି ଦେଇଛନ୍ତି । ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଏସ୍‌ଆଇଆର କରାଯାଇଛି । ପ୍ରାୟ ୬୦ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି ।

ପିଓକେରେ...

ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ । ଜେନ୍-ଜେଡ୍‌ର ପ୍ରତିବାଦ ନେପାଳ, ବାଂଲାଦେଶ ଓ ଭାରତର ମୁଜାଫରାବାଦ୍ ବିଶ୍ୱବିଦ୍ୟାଳୟରେ ପୂର୍ବରୁ ହୋଇଛି । ଏବେ ପିଓକେରେ ଏହା ଦେଖିବାକୁ ମିଳିଛି । ଏହି ଆନ୍ଦୋଳନ ପରେ ପ୍ରଶାସନ ତୁରନ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରାଜନୈତିକ କାର୍ଯ୍ୟକଳାପକୁ ନିଷିଦ୍ଧ କରିଥିଲେ । ଜାନୁଆରୀ ୨୦୨୪ରେ ସମାନ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ ପ୍ରତି ୩ ମାସରୁ ୪ ମାସ ମଧ୍ୟରେ ସେମିଷ୍ଟର ନାରେ ଲକ୍ଷାଧିକ ଟଙ୍କା ଆଦାୟକ କରାଯାଉଛି । ଏହି ବିକ୍ଷୋଭରେ ଶିକ୍ଷାଦାନ କରୁଥିବା ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ମଧ୍ୟ ସାମିଲ ହୋଇଥିଲେ । ଏଥର ଉଚ୍ଚମାଧ୍ୟମିକ ଛାତ୍ରମାନେ ସାମିଲ ହୋଇଥିଲେ । ଇ-ମାର୍କିଂ ଓ ଡିଜିଟାଲ ଆସେସ୍‌ମେଣ୍ଟ ସିଷ୍ଟମ ମାଟ୍ରିକ ପରୀକ୍ଷା ଓ ଉଚ୍ଚମାଧ୍ୟମିକ ସ୍ତରରେ ଲାଗୁ କରାଯାଇଥିବାରୁ ଏହାର ପ୍ରତିବାଦ କରିଥିଲେ । ଅକ୍ଟୋବର ୩୦ରେ ଉଚ୍ଚମାଧ୍ୟମିକର ପ୍ରଥମ ବର୍ଷର ପରୀକ୍ଷାଫଳ ପ୍ରକାଶ ପାଇଥିଲା । ମାତ୍ର ପିଓକେରେ ୬ ମାସ ବିଳମ୍ବରେ ଏହା ପ୍ରକାଶ ପାଇଛି । ଏହାଛଡା ଛାତ୍ରଛାତ୍ରୀମାନଙ୍କର ଆଶା ଠାରୁ କମ୍ ନମ୍ବର ରହିଛି । ଇ-ମାର୍କିଂ ବ୍ୟବସ୍ଥା ଯୋଗୁଁ ଏଭଳି ହୋଇଛି ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି । କେତେକ ଛାତ୍ର ଯେଉଁ ପରୀକ୍ଷା ସେମାନେ ଦେଇନାହାନ୍ତି ସେଥିରେ ପାସ୍ କରିଥିବା ଦେଖିବାକୁ ମିଳିଛି । ପ୍ରତିବାଦକାରୀମାନେ ଦାବି କରିଛନ୍ତି ଯେ ରି-ଚେକିଂ ଫି'କୁ ବିଷୟୱାରୀ ଯେଉଁ ୧୫୦୦ କରାଯାଇଛି ତାହା ପ୍ରତ୍ୟାହାର କରାଯାଉ । ଯଦି ଜଣେ ଛାତ୍ର ୭ ବିଷୟରେ ରି-ଚେକିଂ କରିବ ତେବେ ୧୦୫୦୦ ଟଙ୍କା ଦେବ । ଏହି ପ୍ରସଙ୍ଗ ପାକିସ୍ତାନର ବିଭିନ୍ନ ସହର ଯଥା ଲାହୋର ସମତେ ଅନ୍ୟ କେତେକ ସ୍ଥାନରେ ଉଚ୍ଚମାଧ୍ୟମିକ ଛାତ୍ରମାନେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି ।

ଆଜିଠୁ...

ବିଶେଷଜ୍ଞ ଓ ଯନ୍ତ୍ରୀଙ୍କ ମଧ୍ୟରେ ଜ୍ଞାନ ଆଦାନପ୍ରଦାନର ସେତୁ ପାଲଟିବ ଏହି ବୃହତ୍ତ ସମ୍ମିଳନୀ । ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ହେବ । ନିର୍ମାଣ ବିଭାଗ ୧୫ ହଜାର କିମି ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେଇଛି । ଏକ ଲକ୍ଷ ଜନସଂଖ୍ୟାରେ ଦେଶରେ ୧୧ କିମି ରାସ୍ତାରେ ନିର୍ମାଣ ହେଉଥିବା ବେଳେ ଓଡ଼ିଶାରେ ୧୩.୧୬ କିମି ରାସ୍ତା ତିଆରି ହେଉଛି । ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆଇଆରସି ଜ୍ଞାନକୌଶଳ ବାଟ ଦେଖାଇବ ବୋଲି ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଜନତା ମଇଦାନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ତ୍ତ ବିଭାଗ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ସମଗ୍ର ଭାରତରେ ସଡ଼କ ଭିତ୍ତିଭୂମିର ବିକାଶ ତଥା ଏନେଇ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଆଇଆର୍‌ସି ଭଳି ଜାତୀୟ ସମ୍ମିଳନୀ ଆୟୋଜନ ହେଉଛି। ଏହି ସମ୍ମିଳନୀ ଇଞ୍ଜିନିୟର, ନୀତି ନିର୍ଦ୍ଧାରକ, ଗବେଷକ, ଶିଳ୍ପ ବୃଗତ ଏବଂ ଶିକ୍ଷାବିତ୍‌ଙ୍କ ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ। ସମ୍ମିଳନୀରେ ହେବାକୁ ଥିବା ଅଧିବେଶନଗୁଡ଼ିକର ବିଷୟବସ୍ତୁ ରହିଛି "ରାଜରାସ୍ତା ପ୍ରଯୁକ୍ତି ବିଦ୍ୟା ଏବଂ ନୀତିରେ ପ୍ରମୁଖ ଉନ୍ନତି'। ଆଇଆର୍‌ସି ଦେଶର ସଡକ ଇଞ୍ଜିନିୟର ଏବଂ ଯୋଜନାକାରୀଙ୍କ ପାଇଁ ଏକ ବୃଗତ ସଂଗଠନ ଭାବେ କାର୍ଯ୍ୟ କରୁଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ବିଭିନ୍ନ ସରକାରୀ ବିଭାଗ ଏଥିରେ ସମ୍ମିଶ୍ଟ। ଏନ୍‌ଏଚ୍‌ଏଆଇ, ଏମ୍‌ୟୁଡି, ଏମ୍‌ଇଏସ୍, ଏନ୍‌ଆର୍‌ଆଇଡିଏ, ଏନ୍‌ଏଚ୍‌ଆଇଡିଏସ୍‌ଏଲ୍, ଏମ୍ ଓ ଆର୍‌ଡି ବ୍ୟତୀତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପବ୍ଲିକ ଓ୍ୱାର୍କସ ବିଭାଗ, ପବ୍ଲିକ ସେକଫର ଅଣ୍ଡରଟେକିଂ, ଆଇଆଇଟି, ଇଞ୍ଜିନିୟରିଂ କଲେଜ, ଗବେଷଣା ସଂଗଠନ, ଠିକାଦାର ସଂସ୍ଥା, ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସମଗ୍ର ଦେଶରେ ସଡ଼କ, ସେତୁ ଏବଂ ସୁଡଙ୍ଗ ନିର୍ମାଣର ଯୋଜନା, ଡିଜାଇନ୍, ପରିଚାଳନା ଓ ରକ୍ଷଣାବେକ୍ଷଣରେ ନୂତନ କୌଶଳକୁ ପ୍ରେତ୍ସାହିତ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆଇଆର୍‌ସିର ସଭାପତି ମନୋରଞ୍ଜନ ପରିଡ଼ା, ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ (ଆଇଏଏସ୍), ସ୍ଥାନୀୟ ସଞ୍ଚାଳକ ଙ୍ଗ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଇଆର୍‌ସିର ଏହି ବାର୍ଷିକ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟତମ୍‌ତା, ହର୍ଷ ମଲହୋତ୍ରା, ଓଡ଼ିଶାର ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମଧ୍ୟପ୍ରଦେଶର ପୂର୍ତ୍ତ ମନ୍ତ୍ରୀ ରାକେଶ ସିଂହ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିବେ ।

ଭାରତର ସଡ଼କ ଭିତ୍ତିଭୂମିକୁ ମଜଭୁତ ଓ ଉନ୍ନତ କରିବାକୁ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ମାନସମନ୍ଥନ ହେବ । ୩ ଦିନରେ ମୋଟ ୧୯ଟି ଅଧିବେଶନ ଅନୁଷ୍ଠିତ ହେବ । ୩୫୦୦ରୁ ଊର୍ଦ୍ଧ୍ୱର୍ ପ୍ରତିଭାଗୀ ଅଂଶଗ୍ରହଣ କରିବେ । ଆସନ୍ତାକାଲି ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ସଡ଼କ ଭିତ୍ତିଭୂମି, ଉନ୍ନତୀକରଣ ଓ ନୂଆ ଜ୍ଞାନକୌଶଳ ସଂପର୍କରେ ଜ୍ଞାନର ଆଦାନପ୍ରଦାନ ହେବ । ସମଗ୍ର ଭାରତ ବର୍ଷରୁ ଆସିବେ ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି । ସେମାନଙ୍କ ଜ୍ଞାନ ଓ ନୂତନ କୌଶଳ ଆଲୋଚନାକୁ ସମୃଦ୍ଧ କରିବ । ଏହି ଅବସରରେ ବୈଷୟିକ ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ । ସଡ଼କ ନିର୍ମାଣ ସମ୍ବନ୍ଧରେ ପ୍ରୟୋଗ ହେଉଥିବା ଏବଂ ହୋଇଥିବା ବିଭିନ୍ନ ଜ୍ଞାନ କୌଶଳକୁ ଅବଲୋକନ କରିବେ ପ୍ରତିଭାଗୀବୃନ୍ଦ ।

ଉଦଘାଟନୀ ସମାରୋହ ପରେ ଆଇଆର୍‌ସିର ୭୩୫ତମ କାଉନସିଲ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଆଇଆଇଟି, ଏନଆଇଟି, ଇଂଜିନିୟରିଂ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ନେଇ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ । ବୈଜ୍ଞାନିକ ଏବଂ ରିସର୍ଚ୍ଚ ଓ ଡେଭଲପମେ ସଂଗଠନର ଅଧିକାରୀଙ୍କୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହେବ । ଠିକାଦାର, ପରାମର୍ଶଦାତା ଓ ସେ୍ୱଚ୍ଛାସେବୀଙ୍କୁ ନେଇ ଅନ୍ୟ ଗୋଟିଏ ବୈଷୟିକ ଅଧିବେଶନ ଆୟୋଜନ ହେବ ।

ବଢୁଛି...

ନିଃଶ୍ୱାସରେ ଗ୍ରହଣ କରୁଛନ୍ତି । ପିଏମ୍ ୨.୫ ଓ ପିଏମ୍ ୧୦ ଏବେ ପ୍ରମୁଖ ସହର ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, କୋଲକାତା, ଚେନ୍ନାଇ ଓ ପାଟନାରେ ଦେଖିବାକୁ ମିଳୁଛି । ନିୟମିତ ଭାବେ ନ୍ୟାସନାଲ ଆମ୍ବିମେଣ୍ଟ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡ ବୃଦ୍ଧି ପାଇବାରେ ଲାଗିଛି । ପୁଣି କୁହାଯାଇଛି ଯେ ପିଏମ୍ ୨.୫ରେ ୧୦୫ ମାଇକ୍ରୋ ଗ୍ରାମ୍ ଘନମିଟର ରହିଛି । ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ ଠାରୁ ୨୦ ଗୁଣ ଅଧିକ । ବର୍ତ୍ତମାନର ବ୍ୟବସ୍ଥା ଏହାକୁ ରୋକିବାରେ ବିଫଳ ହୋଇଛି । ବାୟୁଆଇନ୍ ପରିବେଶ ସୁରକ୍ଷା ଆଇନ୍ ଓ ନ୍ୟାସନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ୍ ସତ୍ତ୍ୱେ ବି ବାୟୁର ଗୁଣାତ୍ମକ ମାନ ପରିଚାଳନା ହୋଇପାରୁନାହିଁ । ତୁରନ୍ତ ଏଥିଲାଗି ଭିତ୍ତିଭୂମି କରାଯାଉ ଓ ପଦକ୍ଷେପ ନିଆଯାଉ । ବାୟୁପ୍ରଦୂଷଣ ଯୋଗୁ କେବଳ ପରିବେଶ ଉପରେ ପ୍ରଭା ପଡୁନାହିଁ ବରଂ ମଣିଷ ସମାଜର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି । ଏହା ଶିଳ୍ପ ବୃଦ୍ଧି ଓ ନୀତି ନିର୍ଦ୍ଧାରଣ ଯୋଗୁ ହେଉଥିବା କୁହାଯାଉଛଇ । ପିଆଇଏଲ୍‌ରେ କୁହାଯାଇଛି ଯେ ସୁପ୍ରିମ୍‌କୋର୍ଟ ଏକ ସମୟସୀମା ମଧ୍ୟରେ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ।

AFFIDAVIT

I, SOUBHAGYA PATTNAIK, S/O- SUBAS KUMAR PATTANAIK, DHABALAGIRI, FERROCHROME PROJECT, JAJPUR ROAD, JAJPUR-755020, ODISHA DECLARE BY THIS AFFIDAVIT NO-40751, DT- 06.11.2025 THAT NOW ONWARDS I SHALL BE KNOWN AS **SOUBHAGYA KUMAR PATTNAIK** FOR ALL FUTURE PURPOSES.

AFFIDAVIT

By virtue of an affidavit sworn before the Notary Public, Bhubaneswar, dated **03.11.2025,** I, **Routaray Ashish Gadadhar,** S/o- Gadadhar Routaray, resident of At/PO: Garhbalabhadrapur, PS: Kanas, Dist.: Puri, Odisha, PIN-752017 declare that I have changed my name from Ashish Gadadhar Routaray to **Routaray Ashish Gadadhar**. Henceforth, I shall be known as **Routaray Ashish Gadadhar** for all purposes.

Routaray Ashish Gadadhar

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନଂ. ଏସ୍‌ଆରସି-ବି ଟଏଣ୍ଡେଟ ଆର-ତାରିଖ- ୦୭.୧୧.୨୫ । ନିମ୍ନ ସୂଚିତ ସବିଶେଷ ବିବରଣୀ ଅନୁଯାୟୀ **www.ireps.gov.in** ୱେବସାଇଟ୍ ରେ ଇ-ଟେଣ୍ଡରିଂ ଜରିଆରେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ସିଡିଓ, ସାମ୍ବଲପୁର, ଦ.ପୂ. ରେଳପଥ ଖଡଗପୁର ଡିଭିଜନ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ନିମ୍ନୋକ୍ତ ସବିଶେଷ ବିବରଣୀ ଅନୁଯାୟୀ ୱେବସାଇଟ୍ **www.ireps.gov.in** ରେ କେବଳ ଅନ୍‌ଲାଇନ ଜରିଆରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି । କୌଣସି ଅଫ୍‌ଲାଇନ ଟେଣ୍ଡର ଗ୍ରହଣ ହେବନାହିଁ । ଦୟାପୂର୍ବକ ସବିଶେଷ ବିବରଣୀ ପାଇଁ ଡକୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଡକୁମେଣ୍ଟକୁ ପଢ଼ନ୍ତୁ । **କାର୍ଯ୍ୟର ନାମ : ଢୋଙ୍ଗି ଡିପୋ,** ସାମ୍ବଲପୁରି ଓ ପଦ୍ମପୁରର ଢୋବ୍‌ଗୁଡିକରେ ତିନି ବର୍ଷ ଅବଧି ପାଇଁ ବାୟୋ ଟଏଲେଟ୍ (ଡିଆରଡିଇ ଟାଇପ୍)ର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ବୁକ୍ତି (ଏଏମ୍‌ଓସି) । **ଟେଣ୍ଡର ମୂଲ୍ୟ : ଟ. ୨୨,୫୮,୨୦,୮୨୨.୩୫ । ଇଏମ୍‌ଡି : ୧୨,୭୯,୧୦୦/– । ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଟ. ୧୦,୦୦୦/– (ଅପରିଶୋଧ୍ୟ) । ଟେଣ୍ଡର ବନ୍ଦ ତାରିଖ :** ୦୧.୧୨.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକା । **(PR-810)**

GOVERNMENT OF ODISHA
OFFICE OF THE SUPERINTENDING ENGINEER
M.I.DIVISION GANJAM NO-I, BERHAMPUR

A-845 **E-PROCUREMENT NOTICE**

Bid Identification No. : Online Tender/05/GMID-I/2025-26

Email : eemi_gm1@yahoo.co.in

Name of Work	:	Civil Construction Works.
No of Work	:	04 (Four)
Estimated Cost	:	Varies from Rs 6.80 lakh to Rs. 16.90 lakh
Period of Completion	:	Varies from 02(Two) to 04 (Four) Calendar Month
Availability of Bid-document for sale and receipt through online	:	From 06.11.2025 at 10.00 Hours to 15.11.2025 upto 17:00 Hours
Date & time of opening of bids	:	17.11.2025 At 11.00 Hours
Name & Address of the Officer inviting Tender	:	Superintending Engineer, M.I. Division Ganjam-I, Berhampur.

Further Details can be seen from the **website:https://www.tendersodisha.gov.in**. Any Addendum / Corrigendum / Cancellation of can also be seen in the said website.

Sd/- Superintending Engineer,
M.I. Divn. Ganjam-I,
Berhampur

Forest, Environment and Climate Change Department, Odisha
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION
Email - dfo.jharsuguda@odisha.gov.in/Ph - 06645 - 450249
Address- BTM (Ekatali), Jharsuguda Unit No.1, Dist.-Jharsuguda
BID IDENTIFICATION NO-DFO- JSG 07 of 2025-26 (1F)/DATED.
No. 213 / 1F (Accts.), Dated, Jharsuguda the 3rd Nov 2025

e-Procurement Notice

1.	Name of work	:	Construction of Civil Works under Jharsuguda Forest Division during the FY-2025-26
2.	Total No. of works	:	6 Nos
3.	Estimated Cost	:	Rs. 9.24 Lakh to Rs 23.72 lakh (Excluding GST)
4.	Period of Completion	:	Four Calendar Months
5.	Date of availability of bid Documents in portal	:	03.11.2025 to 16.11.2025
6.	Last date/time for receipt of bids in the Portal	:	Up to 05.00 PM of 16.11.2025
7.	Date & Time of opening of Bid documents	:	At 11.00 AM of 17.11.2025
8.	Class of Contractor	:	"C" & "D" Class Contractor
9.	Name and address of officer inviting bid	:	Divisional Forest Officer

କଂଗ୍ରେସର ନୂଆପଡ଼ା ଇସ୍ତାହାର ଉନ୍ମୋଚିତ

ନୂଆପଡାର ନ୍ୟାୟ ଓ ବିକାଶ ପାଇଁ ମୃତ୍ୟୁ ମଧ୍ୟ ଗ୍ରହଣୀୟ : ଘାସିରାମ

ନୂଆପଡ଼ା,(ସବୁ୍ୟ): ବିକଶିତ ନୂଆପଡାର ସ୍ୱପ୍ନ ସାକାର କରିବାକୁ ନେଇ କଂଗ୍ରେସର ଇସ୍ତାହାର ଉନ୍ମୋଚନ କାର୍ଯ୍ୟକ୍ରମ ଗୁରୁବାର ନୂଆପଡାସ୍ଥିତ ଖୁଣ୍ଟିଆ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଓ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଯାଇଛି । ଇସ୍ତାହାର ଚାରି ପର୍ଯ୍ୟାୟକୁ ନେଇ ଘୋଷଣା ହୋଇଛି । କଂଗ୍ରେସର ଅବଦାନ, କଂଗ୍ରେସ ସରକାର ସମୟରେ ବିକାଶ ମୂଳକ କାର୍ଯ୍ୟ କଣ କରିଥିଲା , ଆଗାମୀ ଦିନରେ କଣ ସବୁ ବିକାଶମୂଳକ କାର୍ଯ୍ୟକ୍ରମ କରିବାକୁ ଚାହୁଁଛି । କଣ ପ୍ରତିକାର ଲୋଡ଼ା : ବିଭିନ୍ନ କ୍ଷେତ୍ରରେ ସରକାର ଅଚଳବସ୍ଥା ସୃଷ୍ଟି କରିଛନ୍ତି ତାକୁ ସୁଧାରି ଏସବୁ କ୍ଷେତ୍ରକୁ କାର୍ଯ୍ୟକ୍ଷମ କରିବା । ମାଟିର ପୁଅ ଘାସିରାମ : କଂଗ୍ରେସ ପ୍ରାର୍ଥୀ ଶ୍ରୀ ମାଝୀ କିଭଳି ବିଗତ ୪୦ ବର୍ଷଧରି ଜନତାଙ୍କ ସେବାରେ ଅବିରାମ ସଂଘର୍ଷ କରି ଲୋକଙ୍କ ସୁଖ ଦୁଃଖର ସାଥୀ ହୋଇ ପାରିଛନ୍ତି ଆଲୋଚନା କରାଯାଇଛି । କଂଗ୍ରେସ ଦଳ ଓ ଦଳର ନେତୃବୃନ୍ଦ ନୂଆପଡା ବିକାଶକୁ ନେଇ କେତେ ଗମ୍ଭୀର ଯୋଜନା ଭିତ୍ତିକ ଓ ପ୍ରଣାଳୀଯୁକ୍ତ

ଇସ୍ତାହାରରୁ ସ୍ପଷ୍ଟ ଜଣା ପଡୁଛି । ଅପର ପକ୍ଷେ ବିଜେଡି ଓ ବିଜେପି କେବଳ ମିଥ୍ୟା ଓ ପ୍ରତାରଣାଯୁକ୍ତ ବାହାସ୍ଫୋଟ ମାରି ଲୋକଙ୍କୁ ଛଳନା କରିବାରେ ବ୍ୟସ୍ତ ।

ଏହି ଇସ୍ତାହାରରେ କଂଗ୍ରେସ ନୂଆପଡା ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ବିଧାୟକ ପ୍ରାର୍ଥୀଙ୍କ ଏକ ଆବେଗପୂର୍ଣ୍ଣ ନିବେଦନ ମଧ୍ୟ ଅଛି । ଶ୍ରୀ ମାଝୀ ନୂଆପଡାବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଦୀର୍ଘ ୪୦ ବର୍ଷର ମୋର ରାଜନୈତିକ ଜୀବନକୁ ଆପଣମାନେ ଅତି ନିକଟରୁ ଦେଖି ଆସିଛନ୍ତି, ଆପଣ ମାନଙ୍କ ଅଧିକାର ପାଇଁ ଲଢେଇରେ ମୁଁ ଆଜୀବନ ସାଲିସବିହୀନ ସଂଗ୍ରାମ କରି ଆସିଛି । କୌଣସି ଲୋଭ ବା ଲାଭର ବଶବର୍ତ୍ତୀ ହୋଇନାହିଁ ।ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ମୋର ଲଢେଇ ଜାରୀ ରହିବ । ଏହି ଉପନିର୍ବାଚନରେ ଆପଣଙ୍କ ଆଶୀର୍ବାଦ ମୋର ଲଢେଇକୁ ଆହୁରି ଶକ୍ତିଶାଳୀ କରିବ ।

ଇସ୍ତାହାର ଉନ୍ମୋଚନ କାର୍ଯ୍ୟକ୍ରମରେ ସଭାପତି ଭକ୍ତ ଚରଣ ଦାସ ସାଂସଦ ଥିବାବେଳେ ନୂଆପଡ଼ାର ବିକାଶକୁ ନେଇ ବିବରଣୀ ପ୍ରଦାନ କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ନୂଆପଡ଼ା ପାଇଁ କଂଗ୍ରେସ କଣ କରିଛି ଆମେ ତାହାର ହିସାବ ଦେଲୁ ବିଜେଡି - ବିଜେପି ଗତ ୨୬ ବର୍ଷରେ କଣ କରିଛନ୍ତି ତାହାର ହିସାବ ଦେବାର ସମୟ ଆସିଛି ବୋଲି ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ସାଂସଦ ସପ୍ତଗିରି ଉଲ୍ଲାକା , ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ କଂଗ୍ରେସ ଇସ୍ତାହାର ସମ୍ପର୍କରେ ବର୍ଣ୍ଣନା କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସି କୋଷାଧ୍ୟକ୍ଷ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଡ. ଲଲାଟେନ୍ଦୁ ମହାପାତ୍ର, ବିଧାୟକ ସି ଏସ ରାଜେନ୍ ଏମ୍ଏ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ପୁରୀ ଜିଲ୍ଲା ସ୍ତରୀୟ ଛାୟା ପାର୍ଲିଆମେଣ୍ଟ ଅନୁଷ୍ଠିତ

ପୁରୀ (ସବୁ୍ୟ): ସ୍ଥାନୀୟ ଟାଉନ୍ ହଲ୍ ଠାରେ ପୁରୀ ଜିଲ୍ଲା ସ୍ତରୀୟ ପି.ଏମ୍ .ଶ୍ରୀ ବିଦ୍ୟାଳୟ ମାନଙ୍କର "ମକ୍ ପାର୍ଲିଆମେଣ୍ଟ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ପି. .ଏମ୍ ଶ୍ରୀ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସମୁଦାୟ ୧୭ ଗୋଟି ଭିନ୍ନ ଭିନ୍ନ ବିଦ୍ୟାଳୟର ମାନଙ୍କରୁ ମୋଟ୍ ୬୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ପୁରୀ, ଶ୍ରୀ ଶରତ ଚନ୍ଦ୍ର ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ସାଧୁବାଦ ଜଣାଇବା ସହ ଏପରି କାର୍ଯ୍ୟକ୍ରମ ବିଦ୍ୟାଳୟ ମାନଙ୍କରେ ଆୟୋଜିତ ହେଲେ ପିଲାମାନେ ପାର୍ଲିଆମେଣ୍ଟର ଆୟୋଜନ, ପରିଚାଳନା, କାର୍ଯ୍ୟକାରିତା ତଥା ସାଂସଦ ଓ ବିଭାଗୀୟ ମନ୍ତ୍ରୀମାନଙ୍କ ଦେଶପାଇଁ ଅବଦାନ ସମ୍ପର୍କରେ ଉପଯୁକ୍ତ ଧାରଣା ପାଇ ଭବିଷ୍ୟତରେ ଦେଶ ଓ ଜାତି ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଦ୍ୱିତୀକାନ୍ତ ପ୍ରଧାନ ପିଲାମାନଙ୍କ ଅଭିନୟ ଓ କାର୍ଯ୍ୟକଳାପର ଭୂୟସୀ ପ୍ରଶଂସା କରିଥିଲେ ।

ବାଲିଯାତ୍ରା ସ୍ମରଣିକା ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

କଟକ, (ସ୍ୱପ୍ର) : କଟକର ଐତିହାସିକ ବାଲିଯାତ୍ରାରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ ବାଲିଯାତ୍ରା କଟକ ସ୍ମରଣିକା ଉନ୍ମୋଚିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଏହାକୁ ଅନାବରଣ କରିଥିଲେ । ଏହି ଅବସରରେ ସ୍ମରଣିକା ସଂପାଦନାମଣ୍ଡଳୀର ସଂପାଦକ ପ୍ରଫେସର ସହଦେବ ସାହୁ, ବରିଷ୍ଠ ସ୍ତମ୍ଭକାର ଶୁଭେନ୍ଦୁ କୁମାର ଭୂୟାଁ, ଡ. ସୁନାମଣି ରାଉତ, ସୁରେନ୍ଦ୍ରନାଥ ସାମନ୍ତରାୟ, ବିଶ୍ୱେଶ୍ୱର ମହାନ୍ତି, ଡ. ଦୀପାୟନ ପଟ୍ଟନାୟକ ଓ ଗୟାଧର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ମାନ୍ୟଗଣ୍ୟ ଅତିଥି, ସ୍ମରଣିକାର ମୁଖ୍ୟ ସଂପାଦକ ତଥା କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ପ୍ରମୁଖ ଉପସ୍ଥିତ ଥିଲେ । ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ନୌବାଣିଜ୍ୟର ଆଲେଖ୍ୟକୁ ନେଇ ୬୦ଜଣ ବିଶିଷ୍ଟ ଲେଖକଙ୍କର ଲେଖା ଏଥିରେ ସ୍ଥାନ ପାଇଛି ।

ଟିପିଡବ୍ଲୁଓଡିଏଲର ନୂତନ ୩୩ କେଭି ତୁରେକେଲା-ଲାଠୋର ଲିଙ୍କ ଲାଇନର ଉଦଘାଟନ

ବୁର୍ଲା/ବଲାଙ୍ଗିର, (ସବୁ୍ୟ): ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ଦ୍ୱାରା ନବନିର୍ମିତ ୩୩ କେ.ଭି. ତୁରେକେଲା-ଲାଠୋର ଲିଙ୍କ୍ ଲାଇନକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଦିନ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲାଠୋର ପ୍ରାଇମେରୀ ସବ-ଷ୍ଟେସନ୍ (ପିଏସ୍ଏସ୍) ଠାରେ ଶୁଭ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂ ଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ ଯୋଗ ଦେଇଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପବିତ୍ର ବେହେରା, ପାଟଣାଗଡ଼ ଉପ-ଜିଲ୍ଲାପାଳ ସୁନୀଲ ମେହେର ଏବଂ ସରପଞ୍ଚ ସୁଶ୍ରୀ ଜୟଶ୍ରୀ ଭଇଁସାଲ ଯୋଗ ଦେଇଥିବା ବେଳେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ମଧ୍ୟ ଉପସ୍ଥିତି ରହିଥିଲେ ।

ମୋଟ୍ ୫.୨୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ୧୮ କିଲୋମିଟର ଲମ୍ବା ୩୩ କେ.ଭି. ଲିଙ୍କ୍ ଲାଇନ ତୁରେକେଲା ପିଏସ୍ଏସ୍ କୁ ଲାଠୋର ପିଏସ୍ଏସ୍ ସହିତ ସଂଯୋଗ କରୁଛି, ଯାହା ଏହି ଅଞ୍ଚଳକୁ ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ବିଦ୍ୟୁତ୍ ଯୋଗାଣ ପ୍ରଦାନ କରିବ । ଏହି ନୂତନ ଫିଡର ଲାଇନକୁ ସଫଳତାର ସହିତ ଚାର୍ଜ କରାଯାଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇଛି । ଯାହା ଦ୍ୱାରା ଲାଠୋର, ମାଲପଡ଼ା, ସହଜପାଣି, ବେନ୍ଦର, ଟଙ୍କପାଣି, କରୁଆଝର ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳର ୧୧,୦୦୦ରୁ ଅଧିକ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ପ୍ରଦାନ କରାଯାଇପାରିବ ।

ଓସିଏସ୍ଇ-୨୦୨୪ ପ୍ରାଥମିକ ପରୀକ୍ଷା ଫଳ ପ୍ରକାଶିତ, ୨୪୦୫ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ

୨୦୨୬ ଜାନୁଆରୀ ଶେଷ ସପ୍ତାହରେ ମୁଖ୍ୟ ପରୀକ୍ଷା

କଟକ, (ସବୁ୍ୟ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା(ଓ ସି ଏ ସ୍ ଇ) - ୨ ୦ ୨ ୪ ର ପ୍ରାଥମିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୨ ହଜାର ୪୦୫ଜଣ ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ୭୮୧ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ଆସନ୍ତା ୨୦୨୬ ଜାନୁ ଆରୀ ଶେଷ ସପ୍ତାହ ଏବଂ ଫେବ୍ରୁଆରୀ ପ୍ରଥମ ସପ୍ତାହରେ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ । ଉଲ୍ଲେଖଯୋଗ୍ୟ ଯେ, ଓସିଏସ୍ଇ ପ୍ରାଥମିକ ପରୀକ୍ଷା ଗତ ଅକ୍ଟୋବର ୧୨ ତାରିଖରେ ଅନୁଷ୍ଠିତ ହୋଇଥିଲା ।

ଆଇନଜୀବୀଙ୍କୁ ଆକ୍ରମଣ କରିଥିବା ରିକ୍ସା ଚାଳକ ଗିରଫ

ପୁରୀ, (ସବୁ୍ୟ) : ଗତ ଅଗଷ୍ଟ ମାସ ୨୦ ତାରିଖରେ ଦୋଳମଣ୍ଡପ ସାହିରେ ଘଟିଥିବା ଆଇନଜୀବୀ ରଘୁନାଥ ପଟ୍ଟନାୟକଙ୍କୁ ମରଣାତ୍ମକ ଆକ୍ରମଣ ଘଟଣାରେ ଟାଉନ ଥାନା ପୋଲିସ ଆଜି ଅଭିଯୁକ୍ତ ରିକ୍ସା ଚାଳକକୁ ପିପିଲି ଥାନା ପୋଲିସ ସହାୟତାରେ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ ଅଭିଯୁକ୍ତ ରିକ୍ସା ଚାଳକ ଲିଟୁ ନାୟକ ନିଶାସକ୍ତ ଅବସ୍ଥାରେ ସାହି ଭିତରେ ଦ୍ରୁତ ଗତିରେ ରିକ୍ସା ଚଳାଇ ଆଇନଜୀବୀ ଶ୍ରୀ ପଟ୍ଟନାୟକଙ୍କୁ ଧକ୍କା ଦେଇଥିଲା । ଶ୍ରୀ ପଟ୍ଟନାୟକ ରିକ୍ସା ଚାଳକକୁ ପଚାରିବାରୁ ନିଶାସକ୍ତ ଅବସ୍ଥାରେ ଥିବା ରିକ୍ସା ଚାଳକକାଠ ଫାଳିଆରେ ତାଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରି ଥିଲା । ପରେ ପୋଲିସ ଭୟରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶ୍ରୀ ପଟ୍ଟନାୟକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଅଗଷ୍ଟ ୨୧ ତାରିଖରେ ଶ୍ରୀ ପଟ୍ଟନାୟକଙ୍କ ଭାଇ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଟାଉନ ଥାନାରେ ଏକ ଲିଖିତ ଏତଲା ଦାଏର କରି ଥିଲେ। ଲକ୍ଷ୍ମୀଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଏକ କେସ ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା । ତେବେ ପୋଲିସ ଆଜି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଓପିଟିସିଏଲ୍ ପକ୍ଷରୁ ୧୩୨/୩୩ କେ.ଭି. ଲପଙ୍ଗା ଗ୍ରୀଡ ସବ୍-ଷ୍ଟେସନରେ

ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

ବୁର୍ଲା, (ସବୁ୍ୟ): ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ଲପଙ୍ଗା ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଲପଙ୍ଗା, କଟରବଗା, କିଲାସମା, ରେଙ୍ଗାଲି ଶିଳ୍ପାଞ୍ଚଳ, ଟାମ୍ପରକେଲା, ତେଲକୋଇଲି ଆଦି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ଅର୍ଥାତ ତା. ୦୭.୧୧.୨୦୨୫ ରିଖ (ଶୁକ୍ରବାର) ଦିନ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଅଛନ୍ତି ।

ସମୟପୂର୍ବ ଶିଶୁର ଜୀବନ ବଞ୍ଚାଇଲେ ସମ୍ ମେଡିକାଲ୍ ଟିମ୍

ଭୁବନେଶ୍ୱର, (ସବୁ୍ୟ): ଜନ୍ମ ସମୟରେ ମାତ୍ର ୭୦୦ ଗ୍ରାମ ଓଜନ ସହ ଗୁରୁତର ସ୍ୱାସ୍ଥ୍ୟାବସ୍ଥାରେ ଥିବା ଏକ ସମୟପୂର୍ବ ଶିଶୁପୁତ୍ରର ଜୀବନ ବଂଚାଇବାରେ ସଫଳ ହୋଇଛନ୍ତି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ -୨ର ଡାକ୍ତର ଓ ନର୍ସିଂ ଟିମ୍। କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ମହିଳା ୨୫ ସପ୍ତାହର ଜଣେ ଶିଶୁପୁତ୍ରକୁ ଜନ୍ମ ଦେଇଥିବା ବେଳେ ଗୁରୁତର ଅବସ୍ଥାରେ ଶିଶୁଟିକୁ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ର ନବଜାତ ଶିଶୁ ରୋଗ ବିଭାଗ ଏନ୍ଆଇସିୟୁରେ ଭର୍ତି କରାଯାଇ ଚିକିତ୍ସା କରାଯାଇଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି ।

ଶିଶୁଟି ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ତାକୁ ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ନନ୍ ଇନ୍ଭେସିଭ୍ ଭେଂଟିଲେସନ୍ରେ ରଖାଯାଇଥିଲା। ସମୟ ପୂର୍ବରୁ ଶିଶୁଟି ଜନ୍ମ ଗ୍ରହଣ କରିଥିବାରୁ ତା' ଶରୀରରେ ଅନେକ ସମସ୍ୟା ମଧ୍ୟ ଦେଖାଯାଇଥିଲା। ଶିଶୁଟିକୁ ଏନ୍ଆଇସିୟୁରେ ଡାକ୍ତର ଓ

ନର୍ସମାନେ ସ୍ୱତନ୍ତ୍ର ଧ୍ୟାନ ଦେଇ ଚିକିତ୍ସା କରିଥିଲେ। ଶିଶୁଟିର ଅବସ୍ଥା ଖୁବ ଗୁରୁତର ଥିବା ଦୃଷ୍ଟିରୁ୧୦୦ ଦିନ ଏନ୍ଆଇସିୟୁରେ ରହିବା ପରେ ତାଙ୍କୁ ହସ୍ପିଟାଲରୁ ଡିସ୍ଚାର୍ଜ କରାଯାଇଥିଲା। ନବଜାତ ଶିଶୁ ରୋଗ ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ଡାକ୍ତର ରତନ ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ବିନୀତ ପାଣିଗ୍ରାହୀ, ଡାକ୍ତର ଭାବଗ୍ରାହୀ ମଲ୍ଲିକ୍, ଡାକ୍ତର ଶ୍ରୁତି କର, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର ଦେବୀପ୍ରସାଦ ସାହୁ, ଡାକ୍ତର ସୁରେଶ ତ୍ରିପାଠୀ, ଡାକ୍ତର ଶିତିକଣ୍ଠ ନାୟକ, ଡାକ୍ତର ପୁଜିଥା.ଜେ, ଡାକ୍ତର ସାରଥି ଚନ୍ଦ୍ରିକା ଏବଂ ଡାକ୍ତର କଳ୍ପିତା ସାହୁ ଶିଶୁଟିର ଚିକିତ୍ସା କରିଥିଲେ। ଶିଶୁଟି ସୁସ୍ଥ ହେବା ପରେ ଡାକ୍ତର ନନ୍ଦ ଖୁସି ବ୍ୟକ୍ତ କରିବା ସହ ତାଙ୍କ ଟିମ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବାଲିଯାତ୍ରାରେ ଫ୍ରିଡମ୍ ଷ୍ଟଲ ଉଦ୍ଘାଟିତ

କଟକ, (ସ୍ୱପ୍ର): ଉତ୍କଳୀୟ କଳା ସଂସ୍କୃତି ତଥା ବାଣିଜ୍ୟକ ପେଣ୍ଠସ୍ଥଳ ଭାବେ ପରିଚିତ କଟକ ଐତିହାସିକ ବାଲିଯାତ୍ରା ବର୍ତ୍ତମାନ୍ ଚଳଚଞ୍ଚଳ ହୋଇପଡ଼ିଛି । ଐତିହାସିକ

ବାଲିଯାତ୍ରାରେ ଭାରତ ବର୍ଷର ଏକ ନମ୍ବର ଖାଇବା ତେଲ ଭାବେ ପରିଚିତ ଫ୍ରିଡମ୍ ଷ୍ଟଲ ଗୁରୁବାର ସନ୍ଧ୍ୟାରେ ଉଦ୍ଘାଟିତ ହୋଇଯାଇଛି । ବାରବାଟୀ କଟକ ବିଧାୟିକା ଙ୍କ ସୋଫିଆ ଫିର୍ଦୋଷ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ଏହାକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଓଏମସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଏବଂ ଖାଦ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଭଗବାନ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ । ପ୍ରତ୍ୟେକ ଗ୍ରାହକ ୫ ଲିଟର ସନଫ୍ଲାୱାର, ରାଇସବ୍ରାନ୍ ତେଲ କିଣିଲେ ଗୋଟିଏ ବାଲଟି ମାଗଣା ମିଳୁଛି । ଏଥିସହିତ ସନଫ୍ଲାୱାର୍ ୨ ଲିଟର ଏବଂ ସୋରିଷ ତେଲ ୧ ଲିଟର କମ୍ବୋ ଅଫର ସହ ଆକର୍ଷଣୀୟ ଦରରେ ଯୋଗାଇ ଦିଆଯାଉଛି । ୫ ଲିଟର କଚିଘନି ସୋରିଷ ତେଲ ବକେଟ ଜାରରେ ମଧ୍ୟ ଆକର୍ଷଣୀୟ ଅଫର ରହିଛି । ଫଳରେ ଫ୍ରିଡମ୍ ଷ୍ଟଲ୍ରେ ଗୃହିଣୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି । ଫ୍ରିଡମର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ବାଲିଯାତ୍ରାକୁ ଆସୁଥିବା ସମସ୍ତ ଗ୍ରାହକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ଫ୍ରିଡମ୍ର ଆକର୍ଷଣୀୟ ଅଫରର ଲାଭ ଉଠାଇବାକୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରକାଶ କୁମାର ପାତ୍ର, ପ୍ରମୋଦ କୁମାର ଖିଲାର, ଅମିତ କୁମାର ମହାନ୍ତି, ଆଶିଷ ଦାସ, ସମୀର କୁମାର ଜେନା, ଶରତ ପଟ୍ଟନାୟକ, ଜିବନେଶ୍

ପାକ୍ ସେନାମୁଖ୍ୟଙ୍କ ବିରୋଧରେ ଗର୍ଜିଲେ ଇମ୍ରାନ

ଇସଲାମାବାଦ: ବର୍ତ୍ତମାନ ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପାକ୍ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶଲ ଆସୀମ ମୁନିରଙ୍କୁ ପାକିସ୍ତାନର ଇତିହାସରେ 'ସବୁଠାରୁ ଦମନକାରୀ ଶାସକ' ଓ 'ମାନସିକ ଭାବେ ଅସ୍ଥିର' ବ୍ୟକ୍ତି ବୋଲି କହି କଠୋର ସମାଲୋଚନା କରିଛନ୍ତି । ତାଙ୍କ ଅଫିସିଆଲ ଏକ୍ସ ହ୍ୟାଣ୍ଡେଲ ମାଧ୍ୟମରେ ପୋଷ୍ଟ କରାଯାଇଥିବା ଏକ ବିବୃତିରେ ଖାନ୍ ଅଭିଯୋଗ କରିଛନ୍ତି ଯେ, ମୁନିରଙ୍କ ଶାସନରେ 'ଅଭୂତପୂର୍ବ ଦମନ' ଚାଲିଛି ଏବଂ ସେ କ୍ଷମତା ପାଇଁ ସବୁକିଛି ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି ।

୨୦୨୩ ଅଗଷ୍ଟରୁ ବିଭିନ୍ନ ମାମଲାରେ ବନ୍ଦୀ ଥିବା ଇମ୍ରାନ ଦାବି କରିଛନ୍ତି ଯେ, ମେ ୯ରେ ତାଙ୍କ ଗିରଫ ପରେ ହୋଇଥିବା ଦଙ୍ଗା, ନଭେମ୍ବର ୨୬ରେ ଇସଲାମାବାଦରେ ହୋଇଥିବା ସଂଘର୍ଷ ଏବଂ ମୁରିଦକେ ଘଟଣାରେ ନିରସ୍ତ୍ର ନାଗରିକଙ୍କ ଉପରେ ଆଖବୁଜା ଗୁଳିଚାଳନା ହୋଇଛ । ସେ ମହିଳାଙ୍କ ଉପରେ ଅତ୍ୟାଚାରକୁ ନିନ୍ଦା କରିଛନ୍ତି ଏବଂ ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ଏକାକୀ ବନ୍ଦୀ ରଖାଯାଇଥିବା ଅଭିଯୋଗ କରିଛନ୍ତି । ଇମ୍ରାନ କହିଛନ୍ତି, 'ମୁଁ ମୃତ୍ୟୁକୁ ଗ୍ରହଣ କରିବି, କିନ୍ତୁ ଦାସତ୍ୱ ନୁହେଁ ।

ସେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସରକାରକୁ ମୁନିରଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିବା ଏକ ପଙ୍ଗୁ ସରକାର ବୋଲି କହି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସମସ୍ତ କ୍ଷମତା ମୁନିରଙ୍କ ହାତରେ ଥିବା ବେଳେ ଏବେ ସରକାରର ଅସ୍ତିତ୍ୱ କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତ । ଇମ୍ରାନଙ୍କ ପାକିସ୍ତାନ ତେହରିକ-ଏ-ଇନସାଫ (ପିଟିଆଇ) ଦଳ ଆଗକୁ ବଡ଼ ଆନ୍ଦୋଳନ ପାଇଁ ସଜବାଜ ହେଉଛି ।

ଫିଲିପାଇନ୍ସରେ କାଲମେଗୀର ତାଣ୍ଡବ

ଗଲାଣି ୨୪୧ଜଣଙ୍କ ଜୀବନ

ମାନିଲା: ଭୂକମ୍ପର କମ୍ପନ ପରେ ଏବେ ଫିଲିପାଇନ୍ସରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼ କାଲମେଗୀ । ଏହାର ପ୍ରଭାବରେ ଝଡ଼ ଏବଂ ବର୍ଷା ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ କରିଛି କାଲମେଗୀ । ଭୂକମ୍ପ ଅନେକଙ୍କ ଘର ଭାଙ୍ଗିଥିବା ବେଳେ ଘୂର୍ଣ୍ଣିଝଡ଼ କାଲମେଗୀ ଅନେକଙ୍କ ଘର ଉଡ଼ାଇ ନେଇଛି । ଘଣ୍ଟା ପ୍ରତି ୧୩୦ କିଲୋମିଟର ବେଗରେ ପବନ କହିବାରୁ ଏକାଧିକ ଘର ଭାଙ୍ଗି ଯାଇଛି ।ଏପର୍ଯ୍ୟନ୍ତ ଏହାର ପ୍ରଭାବରେ ୨୪୧ ଜଣଙ୍କ ଜୀବନ ଯାଇସାରିଥିବା ସାମ୍ନାକୁ ଆସିଛି । ଗୁରୁବାର ଦିନ ପାଣିପାଗ ବିଭାଗ କହିଛି ଯେ, କେନ୍ଦ୍ରୀୟ ଭାଗରେ ସବୁ ଛାରଖାର କରିବା ପରେ ଏହି ଘୂର୍ଣ୍ଣିଝଡ଼ ଭିଏତନାମ ଆଡ଼କୁ ଯାଇ ପୁଣି ଶକ୍ତି ହାସଲ କରିଛି । ଭିଏତନାମର ଜିଆ ଲାଇ ପ୍ରଦେଶରେ ଏବେ ପ୍ରବଳ ବର୍ଷା ଏବଂ ପବନର ବେଗ ବଢିବା ନେଇ ସତର୍କ କରାଯାଇଛି । ପ୍ରବଳ ବର୍ଷା ହେବା ଦ୍ୱାରା ତଳିଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇପାରେ ଏବଂ ଚାଷ କାମ ବାଧା ପାଇପାରେ । ପବନର ବେଗ ଅଧିକ ରହିବାର ଆଶଙ୍କା ଥିବାରୁ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି ।

ଜରୁରୀକାଳୀନ ପରିସ୍ଥିତି ଘୋଷଣା ଚଳିତ ବର୍ଷ ଦେଶର ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଘୂର୍ଣ୍ଣିଝଡ଼ କାଲମେଗୀର ପ୍ରଭାବରେ ଅତି କମରେ ୨୪୧ଜଣଙ୍କ ମୃତ୍ୟୁ ହେବା ପରେ ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିଅର ଗୁରୁବାର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି ।

ଜୋହରାନ୍ ମାମଦାନୀ ନ୍ୟୁୟର୍କ ମେୟର ନିର୍ବାଚିତ

ନ୍ୟୁୟର୍କ: ଜୋହରାନ୍ ମାମଦାନୀ ଆଜି ନ୍ୟୁୟର୍କ ସିଟିର ମେୟର ଭାବେ ନିର୍ବାଚିତ ହୋଇଛନ୍ତି । ନ୍ୟୁୟର୍କର ପ୍ରଥମ ମୁସଲମାନ ଓ ପ୍ରଥମ ଭାରତୀୟ ବଂଶୋଦ୍ଭବ ମେୟର ଭାବରେ ସେ ଇତିହାସ ରଚିଥିବା ବେଳେ ତାଙ୍କ ବିଜୟ ଭାଷଣରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଆକ୍ରମଣ କରିଛନ୍ତି ।

ମାମଦାନୀଙ୍କ ବିପୁଳ ବିଜୟ ଟ୍ରମ୍ପଙ୍କ ପାଇଁ ଏକ ବହୁତ ବଡ଼ ନିର୍ବାଚନୀ ଝଟକା ହୋଇଛି । ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ନ୍ୟୁୟର୍କ ସହରର ଡେମୋକ୍ରାଟିକ୍ ଗଡ଼ ରିପବ୍ଲିକାନ୍ ଆଡକୁ ଢଳିଥିଲା । ମାମଦାନୀ ଗଣତାନ୍ତ୍ରିକ ସମାଜବାଦୀ ନେତା ଭାବେ ନିଜର ପରିଚୟ ଦେଉଛନ୍ତ । ୨୬ ବର୍ଷୀୟ ସିରିଆର କଳାକାର ରାମା ଦୁୱାଜୀଙ୍କୁ ବିବାହ କରିଥିବା ମାମଦାନୀ କହିଛନ୍ତି, ମୁଁ ଯୁବକ, ମୁଁ ମୁସଲମାନ, ମୁଁ ଜଣେ ଗଣତାନ୍ତ୍ରିକ ସମାଜବାଦୀ ଏବଂ ମୁଁ ଏହି କାରଣ ପାଇଁ କ୍ଷମା ମାଗିବାକୁ ପ୍ରସ୍ତୁତ ନୁହେଁ ।

ଚର୍ଚ୍ଚାରେ ଓଡ଼ିଶା ସହ ସମ୍ପର୍କ

ଆମେରିକାର ହାର୍ଟ ଭାବେ ପରିଚିତ ନ୍ୟୁୟର୍କ ସିଟିର ମେୟର ଭାବେ ଭାରତୀୟ ବଂଶୋଦ୍ଭବ ମୁସଲିମ ଜୋହରାନ ମମଦାନୀ ବିଜୟ ଲାଭ କରିଛନ୍ତି ।ତାଙ୍କର ଏହି ବିଜୟ ପରେ ତାଙ୍କ ମା' ପ୍ରତିଷ୍ଠିତ ଫିଲ୍ମ ନିର୍ମାତା ମୀରା ନାୟାରଙ୍କ ଓଡ଼ିଶା ସହ ସମ୍ପର୍କ ପୁଣିଥରେ ଚର୍ଚ୍ଚାକୁ ଆସିଛି ।

ନ୍ୟୁୟର୍କରେ ତାଙ୍କ ପୁଅ ଜୋହରାନଙ୍କ ବିଜୟ ପରେ, ଓଡ଼ିଶାର ଝିଅ ଭାବେ ମୀରା ନାୟାରଙ୍କ ପରିଚୟ ଅଧିକ ଗୌରବମୟ ହୋଇଛି । ୧୯୫୭ ମସିହାରେ ମୀରା ନାୟାରଙ୍କ ଜନ୍ମ ଓଡ଼ିଶାର ଶିଳ୍ପନଗରୀ ରାଉରକେଲାରେ ହୋଇଥିଲା । ସେ ତାଙ୍କର ବାଲ୍ୟ ଓ କୈଶୋର ଜୀବନର ମୋଟ୍ ପ୍ରାୟ ୧୮ବର୍ଷ ସୁନ୍ଦରଗଡ଼ ଏବଂ ଭୁବନେଶ୍ୱରରେ ଅତିବାହିତ କରିଛନ୍ତି । ତାଙ୍କର ପିଲାଦିନର ସମୟ ଅଧିକାଂଶ ସମୟ ଓଡ଼ିଶାର ଆଦିବାସୀ ସଂସ୍କୃତି ଓ ପ୍ରଶାସନିକ କାର୍ଯ୍ୟାଳୟ ମଧ୍ୟରେ କଟିଥିଲା, ଯାହା ତାଙ୍କର ଚଳଚ୍ଚିତ୍ର ନିର୍ମାଣ ଶୈଳୀକୁ ରୂପ ଦେଇଥିଲା

ମୀରା ନାୟାରଙ୍କ ପିତା ଅମୃତ ଲାଲ୍ ନାୟାର ଓଡ଼ିଶା କ୍ୟାଡରର ଜଣେ ବରିଷ୍ଠ ଆଇଏଏସ୍ ଅଫିସର ଥିଲେ । ସେ ୧୯୫୦ ଓ ୧୯୬୦ ଦଶକରେ ସୁନ୍ଦରଗଡ଼ର ଜିଲ୍ଲାପାଳ ଭାବରେ କାର୍ଯ୍ୟ କରିଥିଲେ ଏବଂ ଆଦିବାସୀ ଶିକ୍ଷା ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଓଡ଼ିଶା ପ୍ରତି ତାଙ୍କର ପିତାଙ୍କ ପ୍ରତିବଦ୍ଧତା ହିଁ ମୀରା ନାୟାରଙ୍କ କାହାଣୀ କହିବା ଶୈଳୀକୁ ଏକ ନୂଆ ଦିଗ ଦେଇଥିଲା, ଯାହାକି ସର୍ବଦା ସାମାଜିକ ବାସ୍ତବତା ଓ ଭାବପ୍ରବଣତାପୂର୍ଣ୍ଣ ହୋଇଥାଏ । ନ୍ୟୁୟର୍କର ନୂଆ ମେୟର ଜୋହରାନ୍ ମମଦାନୀଙ୍କ ମା'ଙ୍କ ଚିନ୍ତାଧାରା ଓ ଲାଳନପାଳନ ମଧ୍ୟ ଓଡ଼ିଶାର ପ୍ରଶାସନିକ ମୂଲ୍ୟବୋଧ ଏବଂ ଆଦିବାସୀଙ୍କ ଉନ୍ନତି ସହିତ ଜଡ଼ିତ ବୋଲି କୁହାଯାଏ ।

ଜୋହରାନ୍ ମମଦାନୀଙ୍କ ଏହି ମୁହୂର୍ତ୍ତ କେବଳ ତାଙ୍କ ପାଇଁ ଏକ ବ୍ୟକ୍ତିଗତ ବିଜୟ ନୁହେଁ, ବରଂ ବିଶ୍ୱ ନେତୃତ୍ୱରେ ଓଡ଼ିଶାର ନୀରବ ଅବଦାନକୁ ସ୍ମରଣ କରାଇ ଦେଉଛି । ସୁନ୍ଦରଗଡ଼ର ପ୍ରଶାସନିକ କରିଡରରୁ ଆରମ୍ଭ କରି ନ୍ୟୁୟର୍କର ସିଟି ହଲ୍ ପର୍ଯ୍ୟନ୍ତ ମୀରା ନାୟାରଙ୍କ ପରିବାରର ଯାତ୍ରା ଶିକ୍ଷା, ସାଂସ୍କୃତିକ ସମ୍ମିଶ୍ରଣ ଏବଂ ସାଧାରଣ ସେବାର ଶକ୍ତିକୁ ପ୍ରତିଫଳିତ କରୁଛି । ତାଙ୍କର ରାଜନୈତିକ ଉତଥାନ ତାଙ୍କ ଜେଜେବାପା ଅମୃତ ଲାଲ୍ ନାୟାରଙ୍କ ମୂଲ୍ୟବୋଧ ଏବଂ ତାଙ୍କ ମାଆ ମୀରା ନାୟାରଙ୍କ ନିର୍ଭୀକ କାହାଣୀ କହିବା ଶକ୍ତି ପ୍ରତି ଏକ ଶ୍ରଦ୍ଧାଞ୍ଜଳି ବୋଲି ଚର୍ଚ୍ଚା ହେଉଛି ।

ବିଳାସପୁର ରେଳ ଦୁର୍ଘଟଣା : ତଦନ୍ତ କରିବ ସିଆରଏସ

ବିଳାସପୁର: ଛତିଶଗଡ଼ର ବିଳାସପୁରରେ ଘଟିଥିବା ଭୟାବହ ଟ୍ରେନ୍ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ସହିତ ପ୍ରାୟ ୨୦ ଜଣ ଯାତ୍ରୀ ଆହତ ହୋଇଥିବା ସୂଚନା ରହିଛି । ବିଳାସପୁରର ଲାଲଖାଦାନ ଅଞ୍ଚଳରେ କୋର୍ବା ଏବଂ ଗୋଦିଆ ମେମୁ ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଅଧିକାଂଶ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି କି ଏହି ଭୟାବହ ଦୁର୍ଘଟଣା ପାଇଁ କିଏ ଦାୟୀ? ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପାଇଁ ଦାୟୀ କିଏ? ରେଳ ଏବଂ ସ୍ଥାନୀୟ ପ୍ରଶାସନ ୧୪ଘଣ୍ଟାର ପ୍ରାୟାସ ପରେ ଦୁର୍ଘଟଣାଗ୍ରସ୍ତ ଧାରଣାରେ ପୁଣି ଟ୍ରେନ ଚଳାଚଳ ପାଇଁ ଅନୁମତି ଦେଇଛନ୍ତି । ଧାରଣାରୁ ଦୁର୍ଘଟଣାଗ୍ରସ୍ତ ଟ୍ରେନବଗିକୁ ଉଠାଇ ନିଆଯାଇଛି । ତେବେ ଦୁର୍ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଯିବା ଯାଇଥିବା ସତ୍ତ୍ୱେ ଦାୟୀ ରେଳ ଅଧିକାରୀମାନେ ଦୁର୍ଘଟଣାର ଠିକ୍ କାରଣ ଜଣାଇ ପାରିନାହାନ୍ତି । ବିଳାସପୁର ରେଳ ମଣ୍ଡଳୀର ଅଧିକାରୀ ତରୁଣ ପ୍ରକାଶ ସମ୍ପୂର୍ଣ୍ଣ ଦୁର୍ଘଟଣାର ସିଆରଏସ ତଦନ୍ତ ଘୋଷଣା କରିଛନ୍ତି । ଏହି ତଦନ୍ତ ନଭେମ୍ବର ୬ ତାରିଖରୁ ଆରମ୍ଭ ହୋଇଯାଇଛି ।

ରେଳ ଅଧିକାରୀମାନେ ଦୁର୍ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଦୁର୍ଘଟଣା ପାଇଁ ମେମୁ ଟ୍ରେନର ଲୋକୋ ପାଇଲଟ ଥିବା ବିଦ୍ୟାସାଗରଙ୍କୁ ମୁଖ୍ୟତଃ ଦାୟୀ କରାଯାଉଛି ବିଦ୍ୟାସାଗରଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିବା ପରେ ତାଙ୍କର ଜଣେ ସହଯୋଗୀ ପ୍ରତିକ୍ରିୟା ଦେଇ କହିଛନ୍ତି, 'ବିଦ୍ୟାସାଗର ଗତ ୩୫ ବର୍ଷ ଧରି ଟ୍ରେନ ଚଲାଇ ଆସୁଥିଲେ ଏବଂ ତାଙ୍କର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଥିଲା । ସେ ତାଙ୍କ କର୍ତ୍ତବ୍ୟରେ କେବେ ହେଲେ ଅବହେଳା କରନ୍ତି ନାହିଁ । ସେ ଦୁର୍ଘଟଣା ପାଇଁ ଆଦୌ ଦାୟୀ ନୁହନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଦୁର୍ଘଟଣାର ମୁଖ୍ୟ କାରଣ ସ୍ୱୟଂଚାଳିତ ସିଗନାଲିଂ ସିଷ୍ଟମର ବିଫଳତା ହୋଇପାରେ । ଦୁର୍ଘଟଣା ପୂର୍ବରୁ ମଧ୍ୟ ଏହି ସେକ୍ସନରେ ସ୍ୱୟଂଚାଳିତ ସିଗନାଲିଂ ସିଷ୍ଟମରେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ହେଉଥିବା ନେଇ ଅନେକ ଅଭିଯୋଗ ଆସିଥିଲା, କିନ୍ତୁ ଦାୟୀ ରେଳ ଅଧିକାରୀମାନେ ସେଗୁଡ଼ିକୁ ଅଣଦେଖା କରିଥିଲେ ।

ସବୁଠାରୁ ଶକ୍ତିଶାଳୀ କ୍ରୁଜ୍ କ୍ଷେପଣାସ୍ତ୍ର ନିର୍ମାଣ କରୁଛି ରୁଷ୍

ମସ୍କୋ: ରୁଷ୍ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ପୁଣି ଥରେ ବିଶ୍ୱକୁ ଚକିତ କରିଦେଇଛନ୍ତି ।କ୍ରେମଲିନରେ ଏକ ସମ୍ମିଳନୀରେ ଅସ୍ତ୍ରଶସ୍ତ୍ର ନିର୍ମାତାମାନଙ୍କୁ ସମ୍ମାନିତ କରି ସେ ଘୋଷଣା କରିଛନ୍ତି ଯେ ରୁଷ୍ ନୂଆ ପିଢ଼ିର ପରମାଣୁ ଶକ୍ତି ଚାଳିତ କ୍ରୁଜ ମିସାଇଲର ବ୍ୟାପକ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିଛି ।ପୁଟିନ ଦାବି କରିଛନ୍ତି, ଏହି ମିସାଇଲଗୁଡ଼ିକ ଶବ୍ଦର ଗତିଠାରୁ ତିନି ଗୁଣ ତୀବ୍ର ହେବ, ଯାହା ଏହାକୁ ହାଇପରସୋନିକ କ୍ଷମତା ପ୍ରଦାନ କରିବ । ଏଗୁଡ଼ିକୁ 'କ୍ରୁଜ ମିସାଇଲର ଜନକ' କୁହାଯାଉଛି, କାରଣ ଏହା ବର୍ତ୍ତମାନ ପ୍ରଚଳିତ ଅସ୍ତ୍ରଗୁଡ଼ିକୁ ବହୁ ପଛରେ ପକାଇ ଦେବ । ପୁଟିନ କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ସମସ୍ତ ଯୋଜନା ପୂର୍ଣ୍ଣ ଗତିରେ କାର୍ଯ୍ୟକାରୀ ହେଉଛି । ସେ ଜୋର୍ ଦେଇ କହିଛନ୍ତି ଯେ ପରମାଣୁ ଅସ୍ତ୍ର ହିଁ ଏକବିଂଶ ଶତାବ୍ଦୀରେ ରଷର ସୁରକ୍ଷାର ଐତିହାସିକ ଭିତ୍ତି । ଏହି ନୂଆ କ୍ଷେପଣାସ୍ତ୍ର ରୁଷ୍ ସେନା ଓ ନୌସେନାକୁ ଅତ୍ୟାଧୁନିକ କରିବ । ପୁଟିନ 'ଅଭାଙ୍ଗାର୍ଡ' ମିସାଇଲକୁ ଯୁଦ୍ଧ କ୍ଷେତ୍ରରେ ମୁତୟନ କରାଯିବା ଓ 'ଓରେସ୍ନିକ' ମଧ୍ୟମ ଦୂରତା କ୍ଷେପଣାସ୍ତ୍ରର ବିପୁଳ ଉତ୍ପାଦନ ଆରମ୍ଭ କଥା ମଧ୍ୟ କହିଛନ୍ତି ।ନିକଟରେ ରୁଷ୍ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ତଥା ଅସୀମିତ ଦୂରତା ଯାଇପାରୁଥିବା ପରମାଣୁ କ୍ରୁଜ୍ ମିସାଇଲ 'ଷ୍ଟର୍ମ ବାର୍ଡ' ପରୀକ୍ଷଣ କରି ହଇଚଇ ସୃଷ୍ଟି କରିଥିଲାଛ ପୁଟିନ ଦାବି କରିଛନ୍ତି ଯେ ୨୧ ଅକ୍ଟୋବରରେ ଏହାର ପରୀକ୍ଷା ସମୟରେ ନାଟୋ ଜାହାଜ ଉପସ୍ଥିତ ଥିଲା, କିନ୍ତୁ ରୁଷକୁ ବାଧା ଦେବା ଭଳି ସାହସ କାହାର ନାହିଁ ବୋଲି ପୁଟିନ କହିଛନ୍ତି ।'ପୋସାଇଡନ' ବୁଡ଼ାଜାହାଜ ପରମାଣୁ ସୁନାମି ସୃଷ୍ଟି କରିବାକୁ ସକ୍ଷମ ଏବଂ ଏ ବାବଦରେ ବିଶ୍ୱ ଅବଗତ ଅଛି ବୋଲି କହି ପୁଟିନ ୟୁରୋପ ଓ ଆମେରିକାକୁ କଡ଼ା ବାର୍ତ୍ତା ଦେଇଛନ୍ତି ।

ବିହାର ଉପମୁଖ୍ୟମନ୍ତ୍ରୀଙ୍କ କାର ଉପରକୁ ପଥରମାଡ଼

ପାଟନା: ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ଗୁରୁବାର ସକାଳୁ ବିହାର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଲଖିସରାଇରେ ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନାଙ୍କ କନଭଏ ଉପରକୁ ପଥମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଆରଜେଡି ସମର୍ଥକମାନେ ଘଟଣାସ୍ଥଳରେ ପହଞ୍ଚି ହଙ୍ଗାମା କରିଥିବା କୁହାଯାଉଛି । ବିଜୟ କୁମାର ସିହ୍ନାଙ୍କ କାରକୁ ଘେରି ପଥର ଓ ଚପଲ ମାଡ଼ କରିବା ସହିତ କାଦୁଅ ଫିଙ୍ଗି ମୃଦାବାଦ ନାରା ଦେଇ କାହାକୁ ଆଗକୁ ଯିବାକୁ ଦେଇ ନଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ ଅଧିକାରୀମାନେ ତୁରନ୍ତ ଏଭଳି ଗଣ୍ଡଗୋଳରେ ସାମିଲ ଥିବା ଲୋକଙ୍କୁ କାବୁ କରି ପରିସ୍ଥିତିକୁ ଆୟତ୍ତକୁ ନେଇଥିଲା । ସମ୍ପୂର୍ଣ୍ଣ ମାମଲା ବର୍ତ୍ତମାନ ତଦନ୍ତାଧୀନ ଅଛି । ବିହାର ଉପମୁଖ୍ୟମନ୍ତ୍ରୀ ପଥରମାଡ଼ ଘଟଣାକୁ ନେଇ ବିଜୟ ସିହ୍ନା କହିଛନ୍ତି, 'ଆରଜେଡି ଗୁଣ୍ଡାମାନେ ଆମ ଉପରେ ଆକ୍ରମଣ କରିଥିଲେ । ମୁଁ ସିଧାସଳଖ ରାଷ୍ଟ୍ରୀୟ ଜନତା ଦଳ ଉପରେ ଗୁଣ୍ଡାଗିରିର ଅଭିଯୋଗ କରୁଛି । ଆରଜେଡ଼ି ଗୁଣ୍ଡାମାନେ ମୋତେ ଗାଁକୁ ଯିବାକୁ ଦେଲେ ନାହିଁ । ବିଜୟ ସିହ୍ନା ଜିତିଯିବେ ସେ ଭୟରେ ସେମାନେ ମୋର ପୋଲିଂ ଏଜେଣ୍ଟଙ୍କୁ ଘଉଡ଼ାଇ ଦେଇ ଭୋଟ ଦେବାରୁ ବାଧା ଦେଇଥିଲେ ।

ନୌସେନାରେ ସାମିଲ ହେଲା ଆଇଏନଏସ ଇକ୍ଷକ

ନୂଆଦିଲ୍ଲୀ : ଭାରତୀୟ ନୌସେନା ସାମିଲ ହୋଇଛି ଆଇଏନଏସ ଇକ୍ଷକ । ଗୁରୁବାର ଦିନ ନୌସେନାର ତୃତୀୟ ସର୍ଭେ ଜାହାଜ ଇକ୍ଷକକୁ କୋଚିର ଦକ୍ଷିଣ ନୌସେନା କମାଣ୍ଡରେ ଆନୁଷ୍ଠାନିକ ଭାବରେ ନିୟୋଜିତ କରାଯାଇଛି ।ଏହି ଜାହାଜ ଦକ୍ଷିଣ ନୌସେନା କମାଣ୍ଡରେ ନିୟୋଜିତ ହେବାକୁ ଥିବା ପ୍ରଥମ ପ୍ରକାରର ଜାହାଜ ହେବ । ଏହି ପଦକ୍ଷେପ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ଭାରତର ସାମୁଦ୍ରିକ ସୀମା ନିରୀକ୍ଷଣ ଏବଂ ସର୍ଭେ କ୍ଷମତାକୁ ବୃଦ୍ଧି କରିବା ପାଇଁ ନୌସେନାର ଦୀର୍ଘକାଳୀନ ରଣନୀତିର ଏକ ଅଂଶ । ଇକ୍ଷକର ନାମ ସଂସ୍କୃତ ଶବ୍ଦରୁ ଆସିଛି, ଯାହାର ଅର୍ଥ ମାର୍ଗଦର୍ଶକ । ଏହି ନାମ ଜାହାଜର ଭୂମିକାକୁ ସମ୍ପୂର୍ଣ୍ଣ ଭାବରେ ପରିଭାଷିତ କରେ । ଏହା ସାମୁଦ୍ରିକ ସୀମା ସୁରକ୍ଷା, ସଠିକ୍ ମ୍ୟାପିଂ ଏବଂ ନିରାପଦ ନେଭିଗେସନ୍ ସୁନିଶ୍ଚିତ କରିବା ପାଇଁ ଏକ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରିବ । ଏହି ସର୍ଭେ ଜାହାଜ ଗାର୍ଡେନ୍ ରିଚ୍ ସିପ୍ ବିଲ୍ଡର୍ସ ଆଣ୍ଡ୍ ଇଞ୍ଜିନିୟର୍ସ ଦ୍ୱାରା ନିର୍ମିତ ଏବଂ ଏହା ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଉପକରଣ ଏବଂ ସାମଗ୍ରୀ ସହିତ ସ୍ୱତନ୍ତ୍ର ଭାବରେ ସଜ୍ଜିତ । ଇକ୍ଷକ ଉପକୂଳ ଏବଂ ଗଭୀର ସମୁଦ୍ର ଉଭୟରେ ଜଳଗ୍ରାଫିକ୍ ସର୍ଭେ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହା ବନ୍ଦର ଏବଂ ନାଭିଗେସନ୍ ଚ୍ୟାନେଲଗୁଡ଼ିକର ସଠିକ୍ ମାନଚିତ୍ର ପ୍ରସ୍ତୁତ କରିବ, ଯାହା ନୌଚାଳନକୁ ସୁରକ୍ଷିତ କରିବ । ଇକ୍ଷକ ବ୍ୟବହାର କରି ସମୁଦ୍ରର ଗଭୀରତା, ସ୍ରୋତ ଏବଂ ଜଳ ଗୁଣବତ୍ତାର ବୈଜ୍ଞାନିକ ଅଧ୍ୟୟନ ତଥ୍ୟ ସଂଗ୍ରହ କରାଯିବ, ଯାହା ଭାରତର ସାମୁଦ୍ରିକ ସୁରକ୍ଷା ଢାଞ୍ଚାକୁ ଆହୁରି ସୁଦୃଢ଼ କରିବ ।

ହସ୍ପିଟାଲ ବେଡ଼ରେ ବାହାଘର

ଢାକା: ସମ୍ପ୍ରତି ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି, ଯାହା ସମସ୍ତଙ୍କ ହୃଦୟକୁ ଛୁଇଁଛି । ଏହି ଭିଡିଓରେ ଏକ ଦମ୍ପତି ହସ୍ପିଟାଲ ବେଡ୍ ଉପରେ ବିବାହ କରୁଥିବାର ଦେଖାଯାଉଛି । ଭିଡିଓଟି ଏକ ବଙ୍ଗାଳୀ ବିବାହର ବୋଲି ଜଣାପଡ଼ିଛି । ବିବାହର କିଛି ଦିନ ପୂର୍ବରୁ ଦୁର୍ଘଟଣାରେ ବରର ଗୋଡ଼ ଭାଙ୍ଗି ଯାଇଥିଲା । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଏତେ ଗୁରୁତର ଥିଲା ଯେ ସେ ଚାଲିପାରୁନଥିଲେ । କିନ୍ତୁ ପରିବାର ବିବାହକୁ ସ୍ଥଗିତ ନ ରଖିବାକୁ ସ୍ଥିର କରିଥିଲେ । ହସ୍ପିଟାଲ କୋଠରୀଟି ବିବାହ ସ୍ଥାନରେ ପରିଣତ ହୋଇଥିଲା । ଭିଡିଓରେ ଦେଖାଯାଉଛି ଯେ ବର ସମ୍ପୂର୍ଣ୍ଣ ଭାବରେ ତାଙ୍କ ବିବାହ ପୋଷାକ ପିନ୍ଧି ହସ୍ପିଟାଲ ବେଡ୍ ଉପରେ ଶୋଇଛନ୍ତି । ତାଙ୍କ କନ୍ୟା, ସମ୍ପୂର୍ଣ୍ଣ ବଙ୍ଗାଳୀ ଶାଢୀ ପିନ୍ଧି ତାଙ୍କ ବେଡ଼ ଚାରିପାଖେ ବୁଲୁଛ

ରାଷ୍ଟ୍ରପତିଙ୍କୁ ଭେଟିଲେ ବିଶ୍ୱବିଜୟୀ ଦଳ

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଦିନକ ଆଗରୁ ବିଶ୍ୱକପ ଟ୍ରଫି ସହ ଭାରତୀୟ ଦଳର ସଦସ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଗୁରୁବାର ରାଷ୍ଟ୍ରପତି ଭବନକୁ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଏହି ସମୟରେ ସବୁ ଖେଳାଳିଙ୍କ ଦସ୍ତଖତ ଥିବା ଗୋଟିଏ ଜର୍ସି ମହାମହିମଙ୍କୁ ଉପହାର ସ୍ୱରୂପ ଅଧିନାୟକ ହରମନପ୍ରୀତ କୌର ପ୍ରଦାନ କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଐତିହାସିକ ସଫଳତା ପାଇଁ ଭାରତୀୟ ମହିଳା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଖେଳାଳିମାନେ କେବଳ ଇତିହାସ ସୃଷ୍ଟି କରିନାହାନ୍ତି, ଯୁବପୀଢ଼ୀଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ଭେଟଘାଟ ସମୟରେ ଅଧିନାୟକ କୌର ବିଶ୍ୱ ଟ୍ରଫିକୁ ରାଷ୍ଟ୍ରପତିଙ୍କୁ ଦେଇଥିଲେ। ଟ୍ରଫି ସହ ସମସ୍ତେ ଫଟୋ ମଧ୍ୟ ଉଠାଇଥିଲେ। ରାଷ୍ଟ୍ରପତି କହିଛନ୍ତି ସେମାନେ ଆଦର୍ଶ ପାଲଟିଛନ୍ତି। ଯୁବ ପୀଢ଼ୀ, ବିଶେଷକରି ଝିଅମାନେ ଜୀବନରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ପାଇବେ। ସେ ବିଶ୍ୱାସ ପ୍ରକଟ କରିଥିଲେ ଯେ, ସେମାନେ ଯେଉଁ ଆତ୍ମବିଶ୍ୱାସର ସହିତ ବିଶ୍ୱକପ୍ ଜିତିଛନ୍ତି ସେହି ଆତ୍ମବିଶ୍ୱାସ ସେମାନେ ଭବିଷ୍ୟତରେ ମଧ୍ୟ ଭାରତୀୟ କ୍ରିକେଟକୁ ଶୀର୍ଷରେ ରଖିବେ। ନିରାଶର ଉତ୍ଥାନ ପତନ ଅନୁଭବ କରିଥିଲେ। ସେମାନେ ସମସ୍ତ ଆହ୍ୱାନକୁ ପରାସ୍ତ କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ପରେ ବିଜୟ ପରେ ସେମାନେ ଦୃଢ଼ ଭାବେ ବିଶ୍ୱାସ କରିଥିଲେ ଯେ, ଆମ ଝିଅ ନିଶ୍ଚିତ ବିଜୟୀ ହେବେ। ଗଠିନ ପରିଶ୍ରମ, ଉତ୍କୃଷ୍ଟ ଖେଳ ଦକ୍ଷତା, ଦୃଢ଼ ସଂକଳ୍ପ ଏବଂ ସେମାନଙ୍କ ପରିବାର ଓ କ୍ରିକଟପ୍ରେମୀଙ୍କ ପ୍ରେମ ଓ ଆଶୀର୍ବାଦ ସଫଳତା ପଛରେ ରହିଛି।

ବିଶ୍ୱକପ୍ ବିଜୟୀ ଦଳର ସବୁ ସଦସ୍ୟଙ୍କୁ ମିଳିବ ଏସୟୁଭି

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳକୁ ଟାଟା ସିଏରା ଏସୟୁଭି ମିଳିବ। ଦଳର ସଦସ୍ୟଙ୍କୁ ଆଗକୁ ମାର୍କେଟକୁ ଆସିବାକୁଥିବା ଏହି ବିଳାସପୂର୍ଣ୍ଣ ଏସୟୁଭି ଉପହାରରେ ଦିଆଯିବ ବୋଲି ଟାଟା ମୋଟର୍ସ ପକ୍ଷରୁ ଘୋଷଣା କରାଯାଇଛି। ଗତ ଦୁଇ ତାରିଖରେ ଭାରତୀୟ ମହିଳା ଦଳ ଇତିହାସ ରଚିଥିଲା। ଦଳ ୫୨ ରନରେ ଦ.ଆଫ୍ରିକାକୁ ପରାଜିତ କରି ପ୍ରଥମଥର ବିଶ୍ୱକପ ଜିତିଥିଲା। ଭାରତୀୟ ମହିଳା ଦଳର ପ୍ରଦର୍ଶନକୁ ସମ୍ମାନ ଜଣାଇ ଟାଟା ମୋଟର୍ସ ସିଏୟରା ଏସୟୁଭି ଦେବ ବୋଲି କହିଛି। ଏହି ବିଳାସପୂର୍ଣ୍ଣ କାର ଏପର୍ଯ୍ୟନ୍ତ ମାର୍କେଟରେ ଲଞ୍ଚ ହୋଇନାହିଁ। କିନ୍ତୁ ଏହାର ପ୍ରଥମ ଲଟ ମାର୍କେଟକୁ ଆସିବା କ୍ଷଣି ଭାରତୀୟ ମହିଳା ଦଳର ପ୍ରତି ସଦସ୍ୟଙ୍କୁ ଉପହାରରେ ଦିଆଯିବ। ଭାରତୀୟ ମହିଳା କ୍ରିକେଟ୍ ଦଳ ଓ ସେମାନଙ୍କ କିମ୍ବଦନ୍ତୀ ମହିଳା ବିଶ୍ୱକପ ଟ୍ରଫି ପ୍ରଦର୍ଶନକୁ କମ୍ପାନୀ ଉତ୍ସବ ଭାବେ ପାଳନ କରିବାକୁ ଯାଉଛି। ଟାଟା ମୋଟର୍ସ ପାସେଞ୍ଜର୍ସ ଭେକିଲ୍ସ ଦଳର ପ୍ରତି ସଦସ୍ୟଙ୍କୁ ସିଏରା ଉପହାର ମିଳିବ।

ଉମେଦଙ୍କୁ ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟାଇଟଲ

ଭୁବନେଶ୍ୱର,୬।୧୧(ସବ୍ୟ): ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ପ୍ରତିଯୋଗିତା ଶେଷ ହୋଇଛି। ଅତ୍ୟନ୍ତ ଚତୁରତା ସହ ନାଟକୀୟ ଢଙ୍ଗରେ ଟ୍ରଫି ହାସଲ କରିଛନ୍ତି ଉମେଦ କୁମାର। ସେ ଟାଇଟଲ ହାସଲ କରିବା ସହ ପିଜିଟିଆଇ ନେକ୍ସଜେନ ମେରିଟ୍ ଟାଇଟଲ ମଧ୍ୟ ଲାଭ କରିଛନ୍ତି। ଭୁବନେଶ୍ୱର ଗଲ୍ଫ କୋର୍ସ ଠାରେ ଅନୁଷ୍ଠିତ ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟରେ ହରିୟାଣା ଚଣ୍ଡି ମନ୍ଦିରର ଉମେଦ କୁମାର ଟାଇଟଲ ଜିତିବା ସହ ୨,୫୪, ୦୦୦ ଟଙ୍କା ବିଜେତା ପୁରସ୍କାର ରାଶି ଓ ମେରିଟ୍ ଟ୍ରଫି ପିଜିଟିଆଇର ସିଇଓ ଅମନଦୀପ ଜୋହଲ ଏବଂ ଭାରତୀୟ ହକି ଲିଜେଣ୍ଡ ତଥା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କଠାରୁ ଗ୍ରହଣ କରିଛନ୍ତି। ଚଳିତ ସିଜନରେ ସେ ପିଜିଟିଆଇ ନେକ୍ସଜେନରେ ନଂ.୧ ସ୍ଥାନ ଦଖଲ କରିବା ସହ ୮,୬୧,୧୪୦ ଟଙ୍କା ଜିତିଛନ୍ତି। ୨୪ ବର୍ଷୀୟ ଉମେଦ ଦ୍ୱିତୀୟ ରାଉଣ୍ଡ ସୁଧା ଅଗ୍ରଣୀ ଲାଭ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଶେଷ ରାଉଣ୍ଡ ସୁଧା ଉମେଦ ୮ ଅଣ୍ଡର ଫର ୨୦୮ ସ୍କୋର କରି ପ୍ରଥମ ସ୍ଥାନ ଦଖଲ କରିଛନ୍ତି। କୁଶଲ ସିଂ ୮ ଅଣ୍ଡର ପର ୨୦୮ ସ୍କୋର ସହ ରନର୍ସ ଅପ୍ ହୋଇଛନ୍ତି। ଚନ୍ଦ୍ରଜିତ ଯାଦବ ତୃତୀୟ ସ୍ଥାନରେ ରହିଥିବା ବେଳେ ଦିବେଶ ରାଣା ୫ ଅଣ୍ଡର ପର ୨୧୧ ସ୍କୋର କରି ଚତୁର୍ଥ ସ୍ଥାନକୁ ଖସିଛନ୍ତି। ସଞ୍ଜୀବ କୁମାର ୫ ଅଣ୍ଡର ପର ୨୧୧ ସ୍କୋର କରି ପଞ୍ଚମ ସ୍ଥାନରେ ରହିଛନ୍ତି। କୁଶଲ ସିଂଙ୍କୁ ପୁରସ୍କାର ସ୍ୱରୂପ ୨,୧୪,୩୦୦ ଟଙ୍କାର ଚେକ ପ୍ରଦାନ କରାଯାଇଛି। ସେହିଭଳି ତୃତୀୟ ସ୍ଥାନ ଅଧିକାର କରିଥିବା ଚନ୍ଦ୍ରଜିତ

ଯାଦବ ୧,୩୬,୩୦୦ ଟଙ୍କା, ସଞ୍ଜୀବ କୁମାର ୧,୦୨,୩୦୦ ଟଙ୍କା, ଦିବେଶ ରାଣା ୧,୦୨,୩୦୦ ଟଙ୍କା ପୁରସ୍କାର ପାଇଛନ୍ତି। ତୃତୀୟ ରାଉଣ୍ଡରେ ଅଂଶଗ୍ରହଣ କରିଥିବା ୩୯ ଜଣ ଗଲ୍ଫରଙ୍କୁ ମୋଟ୍ ୨୦ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଶେଷ ରାଉଣ୍ଡରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। କୁଶଲ ସିଂ ଓ ଉମେଦ କୁମାରଙ୍କ ମଧ୍ୟରେ ଟାଇଟଲ ଲଢ଼େଇ ହୋଇଥିଲା। ଦୁହେଁ ୮ ଅଣ୍ଡର ପର ସମାନ ଥିବାରୁ ପ୍ଲେ ଅଫ୍ ବ୍ରିଡି ହୋଇଥିଲା। ଏଥିରେ ଉମେଦ କୁମାର ବିଜୟଲାଭ କରି ଟାଇଟଲ ନିଶ୍ଚିତ କରିଥିଲେ। ସ୍ଥାନୀୟ ପ୍ରେଫସନାଲ ଗଲ୍ଫ ଖେଳାଳି ଅଜୟ କୁମାର ସାହୁ ୬ ଓଭର ୨୨୨ ସ୍କୋର କରି ୨୭ତମ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ସର୍ବଭାରତୀୟସ୍ତରରୁ ମୋଟ୍ ୫୮ ଜଣ ପେସାଦାର ଗଲ୍ଫ ଖେଳାଳି ଅଂଶଗ୍ରହଣ କରିଥିଲେ।

ଟାଇଟଲ ସଫଳତା ପରେ ଉମେଦ କହିଛନ୍ତି ସବୁ ପେସାଦାର ଗଲ୍ଫରଙ୍କ ସ୍ୱପ୍ନ ଥାଏ ଟାଇଟଲ ଜିତିବା। ସ୍ୱପ୍ନ ପୂରା ହୋଇଛି। ପଛକୁ ପଛ ଏକାଧିକ ସଫଳତା ପାଇଛି। ଏହା ମୋ ପାଇଁ ଅବିଶ୍ୱସନୀୟ। ମୁଁ ଉତ୍ସାହିତ ଅଛି ଆସନ୍ତା ବର୍ଷ ହେବାକୁଥିବା ପରବର୍ତ୍ତୀ ଟୁର ପାଇଁ। ଏହି ବିଜୟ ମୋ ଆତ୍ମବିଶ୍ୱାସ ବଢ଼ାଇ ଦେଇଛି। ତୃତୀୟ ଦିନ ଭଲ ସଟ ମାରିଥିଲେ। ଦୁର୍ଭାଗ୍ୟଜନକ ଭାବେ କିଛି ସୁଯୋଗ ହରାଇଥିଲି। ମୁଁ ୪ରୁ ୫ ଅଣ୍ଡର ସହ ବିଜୟ ନିଶ୍ଚିତ କରିବାକୁ ଚାହିଁଥିଲି କିନ୍ତୁ ଏହା ସଫଳ ହୋଇନଥିଲା। ଭାବିଥିଲି ଯାହା ସବୁ ଘଟୁଛି ଓ ସପକ୍ଷରେ ଯୁହେଁ। ବିଜୟର ନିକଟତର ହୋଇ ବି ଟାଇଟଲ ହାତଛଡା କଲା ଭଳି ଲାଗିଥିଲା। କିନ୍ତୁ ଶେଷରେ ବିଜୟୀ ହୋଇଛି ସେଥିପାଇଁ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ଉମେଦ କହିଛନ୍ତି।

ସର୍ବଭାରତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦଯାପିତ
ମହାରାଷ୍ଟ୍ର ପୋଲିସକୁ ହରାଇ ଯାଜପୁର ଚାମ୍ପିଅନ

ଚଣ୍ଡିଖୋଲ/ଛତିଆ,୬।୧୧(ସବ୍ୟ): ଯାଜପୁର ଜିଲା ଛତିଆ କଲେଜ ଖେଳ ପଡିଆରେ ତିନି ଦିନଧରି ଚାଲିଥିବା ଦ୍ୱିତୀୟ ସର୍ବ ଭାରତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି! ଉଦଯାପନୀ ଖେଳରେ ମହାରାଷ୍ଟ୍ର ପୋଲିସ ଟିମକୁ ହରାଇ ଯାଜପୁର ହ୍ୟାଣ୍ଡବଲ ଟିମ ଚମ୍ପିୟନ ହୋଇଛି ! ୫ଟି ରାଜ୍ୟ ଓ ୪ଟି ଜିଲ୍ଲାର ହାଣ୍ଡବଲ ଟିମକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା! ଫାଇନାଲ ଖେଳରେ ମହାରାଷ୍ଟ୍ର ପୋଲିସକୁ ୩୩ : ୨୭ ବ୍ୟବଧାନରେ ପରାସ୍ତ କରି ଯାଜପୁର ଜିଲ୍ଲା ଟିମ ଚମ୍ପିୟାନ ହୋଇଥିଲା ! ଯାଜପୁର ଜିଲ୍ଲାର ଛତିଆ କଲେଜ ପଡିଆରେ ଚଳିତ ବର୍ଷ ପ୍ରଥମକରି ଫ୍ଲଡ ଲାଇଟରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା ! ଏହି ପ୍ରତିଯୋଗିତାରେ ଆନ୍ଧ୍ର ପ୍ରଦେଶ,ଉତ୍ତର ପ୍ରଦେଶ ପୋଲିସ୍,ମହାରାଷ୍ଟ୍ର ପୋଲିସ୍,ଗୁଜୁରାଟ ସାଇ, ବିହାର ଓ ଝାଡଖଣ୍ଡ ରାଜ୍ଯ ସହିତ ଓଡିଶା ଓଡିଶା ପୋଲିସ୍, କେନ୍ଦୁଝର, ଗଞ୍ଜାମ ଓ ଯାଜପୁର ଜିଲ୍ଲା ଟିମ ଭାଗ ନେଇଥିଲେ! ଏହି ଉପଲକ୍ଷେ ଅନୁଷ୍ଠିତ ଉଦଯାପନୀ ଉତ୍ସରେ ମୂଖ୍ୟ ଅତିଥି ଭାବେ ବୈରୀ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଅଶୋକକୁମାର ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତାଙ୍କୁ ଟ୍ରଫି ସହିତ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ ! ବିଜେତା ଯାଜପୁର ଦଳକୁ ଟ୍ରଫି ସହିତ ନଗଦ ୫୦ ହଜାର ଅର୍ଥରାଶି ଓ ଉପ ବିଜେତା ମହାରାଷ୍ଟ୍ର ପୋଲିସ ଦଳକୁ ଟ୍ରଫି ସହିତ ୩୦ ନଗଦ ହଜାର ଅର୍ଥରାଶି ପ୍ରଦାନ କରିଥିଲେ ! ଅଶୋକ ସାମଲ ମଞ୍ଚ ପରିଚାଳନା କରିଥିଲେ! ଶେଷରେ ଯାଜପୁର ଜିଲ୍ଲା ହ୍ୱାଣ୍ଡବଲ ଆସୋସିଏସନର ରମେଶଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ! ପରିଚାଳନା କମିଟିର ସଦସ୍ୟ ଜୀବନଦୀପ ଶଣ୍ଢ ଓ ମହମ୍ମଦ ସାଇଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ !

ଟି-୨୦ ବିଶ୍ୱକପ୍

୫ ସହରକୁ ବାଛିଲା ବିସିସିଆଇ

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ପୁରୁଷ ବିଶ୍ୱକପ୍ ଆୟୋଜନ କରିବେ। ୨୦୨୫ ମହିଳା ଦିନିକିଆ ବିଶ୍ୱକପ ଭଳି ପାକିସ୍ତାନ ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବ ନାହିଁ। ପାକିସ୍ତାନ ତାର ମ୍ୟାଚ ଗୁଡିକ ଶ୍ରୀଲଙ୍କାରେ ଖେଳିବ। ଟି-୨୦ ବିଶ୍ୱକପ ସମ୍ଭବତଃ ଆସନ୍ତାବର୍ଷ ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ହେବ। ଏହା ପୂର୍ବରୁ ବିସିସିଆଇ ପକ୍ଷରୁ ସମ୍ଭାବ୍ୟ ଭେନ୍ୟୁ ପ୍ରସ୍ତାବ ଆଇସିସିକୁ ପଠାଯାଇଛି। ଭାରତର ୫ ସହର ଥିବା ପ୍ରମୁଖ ଷ୍ଟାଡିୟମକୁ ଚୟନ କରାଯାଇଛି। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍, ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମ୍, ଚେନ୍ନାଇର ଏମ ଚିଦାମ୍ବରମ ଷ୍ଟାଡିୟମ୍, କୋଲକାତାର ଇଡେନ ଗାର୍ଡେନ ଷ୍ଟାଡିୟମ୍ ଓ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ବିଶ୍ୱକପ୍ ଖେଳିବାକୁ ପ୍ରସ୍ତାବ ଦେଇଛି ବିସିସିଆଇ। ଫାଇନାଲ ଅହମ୍ମଦାବାଦରେ ହୋଇପାରେ। କିନ୍ତୁ ପାକିସ୍ତାନ ତାର ସମସ୍ତ ମ୍ୟାଚ କଲମ୍ବୋରେ ଖେଳିବ। ଦଳ ଫାଇନାଲ ଗଲେ ଅହମ୍ମଦାବାଦ ପରିବର୍ତ୍ତେ ଶ୍ରୀଲଙ୍କାରେ ଫାଇନାଲ ହୋଇପାରେ।

ବେଙ୍ଗାଲୁରୁ ଓ ଲକ୍ଷ୍ନୌରେ କୌଣସି ମ୍ୟାଚ ଖେଳାଯିବ ନାହିଁ। ବେଙ୍ଗାଲୁରୁର ଏମ୍ ଚିନାସ୍ୱାମୀ ଷ୍ଟାଡିୟମକୁ ରାଜ୍ୟ ସରକାର ଅନଫିଟ୍ ଘୋଷଣା କରିଥିଲେ। ୨୦୨୫ ଆଇପିଏଲ ଫାଇନାଲ ଜିତିବା ପରେ ଆରସିବି ବିଜୟ ଶୋଭା ଯାତ୍ରା କରିଥିଲା। ଏହି ସମୟରେ ଭୟଙ୍କର ଦଳାଚକଟା ହୋଇଥିଲା। ଏଥିଯୋଗୁଁ ଚିନାସ୍ୱାମୀ ଷ୍ଟାଡିୟମ ବଡ଼ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଛି। ଟି-୨୦ ବିଶ୍ୱକପରେ ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦ.ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ୍, ଆୟରଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, କାନାଡା, ଇଟାଲୀ, ନେଦରଲାଣ୍ଡସ୍, ନାମ୍ବିଆ, ଜିମ୍ବାୱେ, ନେପାଳ, ଓମାନ ଓ ୟୁଏଇକୁ ନେଇ ବିଶ୍ୱକପ୍ ଖେଳାଯିବ।

୧୪ରୁ ଆଇକନିକ ଓଡ଼ିଶା ଚେସ୍ ପ୍ରିମିଅର ଲିଗ୍
ନିଲାମ ହେଲା ୧୨ ଫ୍ରାଞ୍ଚାଇଜ ଟିମ୍

ଭୁବନେଶ୍ୱର,୬।୧୧(ସବ୍ୟ): ରାଜ୍ୟର ସବୁଠାରୁ ଚେସ୍ ଆୟୋଜନ ଆଇକନିକ ଓଡ଼ିଶା ଚେସ୍ ପ୍ରିମିଅର ଲିଗ୍ (ଆଓସିପିଏଲ) ୨୦୨୫ ପାଇଁ ସବୁ ପ୍ରସ୍ତୁତି ସମ୍ପୂର୍ଣ୍ଣ। ଏହି ଆୟୋଜନ ୧୪ରୁ ୧୬ ନଭେମ୍ବର ୨୦୨୫ ଯାଏଁ ହୋଟେଲ୍ ଲାଇଫ୍, ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହି ଚାମ୍ପିଅନସିପଟି ଅଲ୍ ଓଡ଼ିଶା ଚେସ୍ ଅସୋସିଏସନ୍ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟସ୍ ଫେଡେରେସନ୍ (ଆଇଏସଏଫ) ଙ୍କ ମିଳିତ ସହଯୋଗରେ ଆୟୋଜନ ହେବ । ଏହି ଅବସରରେ ଶ୍ରେଷ୍ଠ ଚେସ୍ ଖେଳାଳିମାନେ ଆଇପିଏଲ୍ ଶୈଳୀର ଫ୍ରାଞ୍ଚାଇଜ୍ ଫର୍ମାଟ୍ରେ ଅଂଶଗ୍ରହଣ କରିଛନ୍ତି। ସ୍ଥାନୀୟ ଏକ ତାରକା ହୋଟେଲରେ ମୋଟ ୧୨ଟି ଟିମ୍ ଯୋଗଦେଇଥିଲେ। ୧୨ଟି ଟିମ୍ ଫ୍ରାଞ୍ଚାଇଜ୍ ଏଥିରେ ନିଲାମ ହୋଇଥିଲା। ଏହି ଅବସରରେ ସମସ୍ତ ଖେଳାଳି, ପ୍ରାୟୋଜକ ଓ ଆୟୋଜକମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଇଡା ଆର.ଏସ୍.ଆଇ. ପୁତ୍ର ମାନୁଆବା, ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଓଡିଶା କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଆଇଏଏସ୍ ତଥା ଓଡିଶା କ୍ରୀଡା ଓ ଯୁବ ବ୍ୟାପକ ବିଭାଗର ନିର୍ଦ୍ଦେଶକ ଡ.ବିଜୟ ଯାଦୁଲା ଯୋଗଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଆଇଏସଏଫ୍ ଟିମର ନିର୍ଦ୍ଦେଶକ ଡ.ସଞ୍ଜୟ ଚୌଧୁରୀ, ନିର୍ଦ୍ଦେଶିକା ଡ.ଚିଦାମ୍ବିକା ଖଟୁଆ ଏବଂ ଡ.ଶେଖ ଅବଦୁଲ ସମିମ୍,ଜାତୀୟ ସଭାପତି ଡ ପ୍ରଦିପ୍ତ ମହାନ୍ତି, ରାଜ୍ୟ ସଭାପତି ବିଭୁ ପ୍ରସାଦ ମିଶ୍ର, ରାଜ୍ୟ ସଚିବ ସଞ୍ଜୟ ଦାସ,ରାଜ୍ୟ ଆବାହକ ରାଶି ଅଗ୍ରୱାଲ୍, ଆଞ୍ଚଳିକ ପରିଚାଳକ ଦର୍ଶନ କୁମାର ବେହେରା ଓ ଏଓସିଏ ଟିମର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ,ଉପସଭାପତି ଶଙ୍କର ପ୍ରସାଦ ମିଶ୍ର,ସଚିବ ଦେବବ୍ରତ ଭଟ୍ଟ,ଯୁଗ୍ମ ସଚିବ ଭବେଶ ମହାନ୍ତି, ବିଦୂ ଭୂଷଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

୧୫ରୁ ଇନୋଭାରେ କପ୍ କର୍ପୋରେଟ୍ କ୍ରିକେଟ୍

ଭୁବନେଶ୍ୱର,୬।୧୧(ସବ୍ୟ): ଭୁବନେଶ୍ୱରରେ ପୁଣିଥରେ କର୍ପୋରେଟ୍ କ୍ରିକେଟ୍ ଇନୋଭାରେ କପ୍ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବାକୁଯାଉଛି। ପ୍ରତ୍ୟେକ ସପ୍ତାହର ଶେଷରେ ମ୍ୟାଚ ଖେଳାଯିବ। ଡିସେମ୍ବର ୧୪ରେ ପ୍ରତିଯୋଗିତା ଶେଷ ହେବ। ଗତବର୍ଷର ସଫଳତା ପରେ ଏଥର ଦଳ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ପ୍ରତିଯୋଗିତାଟି ଇଡକୋ ଷ୍ଟାଡିୟମ, ସୋଆ ଷ୍ଟାଡିୟମ୍ ଏବଂ ଜଟଣୀର ରେଳବାଇ ଷ୍ଟାଡିୟମରେ ଖେଳାଯିବ। ଗୁରୁବାର କ୍ୟାପଟେନ୍ସ ମିଟ ଆୟୋଜିତ ହୋଇଥିଲା। ଡିଏଲଏଫ ସାଇବର ସିଟି ପଟିଆରେ ଇନୋଭାରେ କପ୍ ପାଇଁ କ୍ୟାପଟେନ୍ସ ମିଟ ଆୟୋଜିତ ହୋଇଥିଲା। ସମସ୍ତ ୨୦ଟି ଦଳର ଅଧିନାୟକ ଏବଂ ଇନୋଭାରେ କ୍ରିକେଟ୍ କାଉନସିଲର ସଦସ୍ୟମାନେ ଉପସ୍ଥିତ ଥିଲେ। ସହ ସଂସ୍ଥାପକ ମୋହର ମନୋହର ମିଶ୍ର, ଅଧ୍ୟକ୍ଷ ସରୋଜ ପାଢ଼ୀ, ଉପାଧ୍ୟକ୍ଷ ସାଇପ୍ରସାଦ ଡୋରା ଏବଂ ସଚିବ ପ୍ରଭୁଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୨୦ଟି ଦଳକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ଦଳ ୪ଟି ଲେଖାଏଁ ମ୍ୟାଚ ଖେଳିବେ। ପ୍ରତି ଗ୍ରୁପରୁ ଦୁଇଟି ଲେଖାଏଁ ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବେ।

କାନବେରାରେ ଅଷ୍ଟ୍ରେଲିଆ ଧରାଶାୟୀ: ଭାରତ ୨-୧ରେ ଅଗ୍ରଣୀ

କାନବେରା,୬।୧୧(ଏଜେନ୍ସି): ଅତି ଚକମ୍ପାର ବୋଲିଂ କରିଛନ୍ତି ୱାଶିଂଟନ ସୁନ୍ଦର। ମାତ୍ର ୧.୨ ଓଭର ବୋଲି କରି ୩ ୱିକେଟ୍ କରି ଦଖଲ କରିବା ସହ ଅଷ୍ଟ୍ରେଲିଆ ଇନିଂସର ଜବନିକା ଟାଣିଥିଲେ। ଏଭଳି ଜମାଣିଆ ବୋଲି କଲେ ଯେ, ଘରୋଇ ଦଳ ବିଜୟଲକ୍ଷ୍ୟଠାରୁ ୪୮ ରନ୍ ଦୂରରେ ରହିଯାଇଛି। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୮ ୱିକେଟ ହରାଇ ୧୬୭ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୯ ରନ୍ କରି ଅଲଆଉଟ୍ ହୋଇଥିଲା। ୧୧ ବଲରୁ ୨୧ ସାଙ୍ଗକୁ ୨୦ ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିଥିବା ଅକ୍ଷର ପଟେଲଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଠିକଣା ସମୟରେ ମ୍ୟାଚର ମୋଡ଼ ୱାଶିଂଟନ ସୁନ୍ଦର ବଦଳାଇ ଦେଇଥିଲେ। ୮ ବଲରେ ୩ ୱିକେଟ୍ ନେଇଥିଲେ। ଅଷ୍ଟ୍ରେଲିଆକୁ ଚତୁର୍ଥ ଟି-୨୦ ଜିତିବା ପାଇଁ ୨୪ ବଲରେ ୫୪ ରନର ଆବଶ୍ୟକତା ଥିଲା। ମ୍ୟାଚର ୧୬ ଓଭର ପର୍ଯ୍ୟନ୍ତ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ସ୍ପିନର ୱାଶିଂଟନ ସୁନ୍ଦରଙ୍କୁ ବୋଲିଂ କରିବାକୁ ଦେଇନଥିଲେ। ୧୭ ତମ ଓଭର ବୋଲିଂ କରିବାକୁ ଆସିଥିବା ସୁନ୍ଦରଙ୍କ ସାମ୍ନାରେ ଥିଲେ ମାର୍କସ ଷ୍ଟୋଇନିସ୍। ସେହି ଓଭରରେ ସୁନ୍ଦର ୨ ରନ୍ ଦେବା ସହ ଷ୍ଟୋଇନିସ୍ ଓ ଜାଭିୟର ବ